RNI No.ODIODI/2010/33031
୧୭ ବର୍ଷ Volume-17
ISSUE -68 ସଂଖ୍ୟା-୬୮
ଭୁବନେଶ୍ୱର, ଶୁକ୍ରବାର ୨୨ ମଇ ୨୦୨୬
Bhubaneswar, Friday 22 May, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ପୁଲୱାମା ହମଲାର ମାଷ୍ଟରମାଇଣ୍ଡ ହମ୍‌ଜା ସଫା

ନୂଆଦିଲ୍ଲୀ, ୨୧।୫: ପୁଣି ପାକିସ୍ତାନରେ ଅଜଣା ବନ୍ଧୁକଧାରୀ ଘଟାଇଛନ୍ତି ବଡ ଘଟଣା। ଦେଶକୁ ଦୋହଲାଇ ଦେଇଥିବା ୨୦୧୯ ମସିହା ପୁଲୱାମା ହମଲାର ଅନ୍ୟତମ ମାଷ୍ଟରମାଇଣ୍ଡ ହମଜା ବୁରହାନର

## ପାକିସ୍ତାନରେ ଅଜ୍ଞାତ ଦୁର୍ବୃତ୍ତ ଗୁଳିମାଡ଼ରେ ନିପାତ

## ଶିକ୍ଷକ ପରିଚୟରେ ରହୁଥିଲେ ହମ୍‌ଜା

ଖେଳ ଶେଷ ହୋଇଛି। ଆଜି ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)ରେ ଅଜଣା ବ୍ୟକ୍ତିଙ୍କ ଗୁଳିମାଡରେ ନିହତ ହୋଇଛି ହମଜା।

ଡାକ୍ତର ଭାବେ ପରିଚିତ ଏହି କୁଖ୍ୟାତ ଆତଙ୍କବାଦୀକୁ ମୁଜାଫରବାଦରେ ଏକାଧିକ ଗୁଳି ମାଡ ହୋଇଥିଲା। ଏହାପରେ ତା'କୁ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ତା'ର ମୃତ୍ୟୁ ହୋଇଛି।



ଜମ୍ମୁ-କଶ୍ମୀର ଅନ୍ତର୍ଗତ ପୁଲୱାମାର ମୂଳବାସିନ୍ଦା ହେଉଛି ହମଜା। ତା'ର ପ୍ରକୃତ ନାଁ ଅର୍ଜୁମାନ୍ଦ ଗୁଲଜାର ଦାର। ସେ ପାକିସ୍ତାନରେ ରହି ଭାରତ ବିରୋଧରେ ଷଡଯନ୍ତ୍ର କରୁଥିଲା। ୨୦୨୨ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତା'କୁ ଆତଙ୍କବାଦୀ ଭାବେ ଘୋଷଣା କରିଥିଲା। ହମଜା ଓରଫ ଡାକ୍ତର ପୁଲୱାମା ହମଲାରେ ବେଶ ସକ୍ରିୟ ଭୂମିକା ଗ୍ରହଣ କରିଥିଲା। ୨୦୧୯ ଫେବୃଆରୀ ୧୪ରେ ପୁଲୱାମାରେ ସିଆରପିଏଫ କନଭୟ ଉପରେ ଆତ୍ମଘାତୀ ହମଲା ହୋଇଥିଲା। ଏଥିରେ ୪୦ ଜଣ ବୀର ଯବାନ ସହିଦ ହୋଇଥିଲେ। ଏହି ଘଟଣାର ମାଷ୍ଟରମାଇଣ୍ଡ ଥିଲା ହମଜା।

ହମଜାର ଜନ୍ମ ପୁଲୱାମାରେ ହୋଇଥିଲେ ହେଁ ସେ ୨୦୧୭ରେ ଅଧିକ ପାଠପିବାକୁ ପାକିସ୍ତାନ ଚାଲି ଯାଇଥିଲା। କିନ୍ତୁ ସେଠାରେ ସେ ଆତଙ୍କୀ ସଂଗଠନ ଅଲ ବଦରରେ ସାମିଲ ହୋଇଥିଲା। ସମୟକ୍ରମେ ସେ ସଂଗଠନର କମାଣ୍ଡର ପାହ୍ୟା ହାସଲ କରିଥିଲା। ଭାରତରେ ହୋଇଥିବା ଏକାଧିକ ଆତଙ୍କବାଦୀ ହମଲାରେ ହମଜା ସାମିଲ ରହିଥିଲା। ସେ ଅଲ ବଦର ପାଇଁ କାମ କରୁଥିଲେ ହେଁ ଏହା ଜୈଶ-ଇ-ମହମ୍ମଦର ଅଂଶବିଶେଷ ରହିଥିଲା। ପୁଲୱାମା ହମଲା ପଛରେ ଜୈଶ ରହିଥିଲା। କିନ୍ତୁ ଏହାର ଅନ୍ୟତମ ମାଷ୍ଟରମାଇଣ୍ଡ ହେଉଛି ହମଜା। ପୁଲୱାମା ହମଲା ପରେ ଭାରତୀୟ ସେନା ଏହାର ବଦଲା ନେଇଥିଲେ। ଭାରତୀୟ ସେନା ପକ୍ଷରୁ ବାଲାକୋଟରେ କରାଯାଇଥିଲା ଏୟାର ଷ୍ଟ୍ରାଇକର। ଏଥିରେ ୧୦୦ରୁ ଅଧିକ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଥିଲା। ପାକିସ୍ତାନ ଏହାର ବଦଲା ନେବାକୁ ଚେଷ୍ଟା କରିବାରୁ ଦୁଇ ଦେଶ ମଧ୍ୟରେ ଆକାଶ ପଥରେ ବେଶ କିଛି ସମୟ ପାଇଁ ଘମାଘୋଟ ଲଢ଼େଇ ଦେଖିବାକୁ ମିଳିଥିଲା।

# ଟେଷ୍ଟ ଭୁଶୁଡ଼ି ପଡ଼ିବାରୁ ଚାଲିଗଲା ୩ ଜୀବନ

କେନ୍ଦୁଝର, ୨୧।୫(ନି.ପ୍ର.): କେନ୍ଦୁଝର ଜିଲ୍ଲାରେ କାଳବୈଶାଖୀ ନେଇଛି ୩ ଜଣଙ୍କ ଜୀବନ। ପ୍ରବଳ ଝଡ଼ବର୍ଷା ଓ ପବନ ଯୋଗୁଁ ନରଣପୂର ଅଞ୍ଚଳରେ ଏକ ବିରାଟ ଟେଣ୍ଟ ଭୁଶୁଡ଼ି ପଡ଼ିବାରୁ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଏହି ଅଘଟଣ ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ସୂଚନା ଅନୁଯାୟୀ, ନରଣପୂର ଅଞ୍ଚଳରେ ଏକ କାର୍ଯ୍ୟକ୍ରମ ପାଇଁ ବଡ଼ ଧରଣର ଟେଣ୍ଟ ବନ୍ଧାଯାଇଥିଲା। ଗୁରୁବାର ଅପରାହ୍ନରେ ହଠାତ୍ ପାଗ ବଦଳି ଯାଇଥିଲା। ଆକାଶ ମେଘାଚ୍ଛନ୍ନ ହେବା ସହ ପ୍ରବଳ ବେଗରେ ଝଡ଼ପବନ ଓ ବର୍ଷା ଆରମ୍ଭ ହୋଇଥିଲା। କିଛି ସମୟ ମଧ୍ୟରେ ପବନର ବେଗ ଏତେ ବଢ଼ିଯାଇଥିଲା ଯେ ଟେଣ୍ଟର ଲୁହା ଫ୍ରେମ୍ ଓ ପାଇପ୍ ଭାଙ୍ଗି ତଳକୁ ଭୁଶୁଡ଼ି ପଡ଼ିଥିଲା। ଝଡ଼ରୁ ରକ୍ଷା ପାଇବା ଆଶାରେ କିଛି ଲୋକ ଟେଣ୍ଟ ତଳେ ଆଶ୍ରୟ ନେଇଥିଲେ। କିନ୍ତୁ ସେହି ଆଶ୍ରୟସ୍ଥଳ ହିଁ ସେମାନଙ୍କ ପାଇଁ ମୃତ୍ୟୁର କାରଣ ପାଲଟିଥିଲା। ଟେଣ୍ଟ ଭୁଶୁଡ଼ି ପଡ଼ିବାରୁ ଭାରୀ ଲୁହା ଫ୍ରେମ୍ ତଳେ ଚାପି ହୋଇ ୩ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଆଉ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ।ସ୍ଥାନୀୟ ଲୋକ ଓ ପ୍ରଶାସନ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଚଳାଇ ଆହତଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଛି ଏବଂ ସ୍ଥିତି ଗୁରୁତର ଥିବା ଜଣାପଡ଼ିଛି। ଘଟଣା ପରେ କେନ୍ଦୁଝର ଟାଉନ୍ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କାଳବୈଶାଖୀର ଏହି ତାଣ୍ଡବ ପୁଣିଥରେ ପ୍ରକୃତିର ଭୟଙ୍କର ରୂପକୁ ସାମ୍ନାକୁ ଆଣିଛି।

## ଲାଞ୍ଚ ନେଇ ଦୁଇ ଏଆର୍‌ସିଏସ୍ କର୍ମଚାରୀ ଗିରଫ

ଭୁବନେଶ୍ୱର, ୨୧।୫(ନି.ପ୍ର.): ବଲାଙ୍ଗୀରଜିଲ୍ଲା ଟିଟିଲାଗଡ ଏଆର୍‌ସିଏସ୍ କାର୍ଯ୍ୟାଳୟର ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ଏରିଅର୍ ଦରମା ପ୍ରଦାନ କରିବା ନିମନ୍ତେ ୭୦ ହଜାର ଟଙ୍କା ଲାଞ୍ଚ ନେଇ ସେହି କାର୍ଯ୍ୟାଳୟର ବରିଷ୍ଠ ସହକାରୀ ଓ ପିଅନ୍ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଭିଜିଲାନ୍ସ ବିଭାଗ ପକ୍ଷରୁ ଜାରି ସୂଚନାନୁସାରେ, ଅଭିଯୋଗକାରୀ କର୍ମଚାରୀଜଣକ ଜାନୁଆରୀ ୨୦୨୫ରେ ଅବସର ଗ୍ରହଣ କରିଥିଲେ। ଏମ୍‌ଏସିପି(ମୋଡିଫାଇଡ୍ ଆସୁର୍ଡ କ୍ୟାରିଅର୍ ପ୍ରୋଗ୍ରେସନ୍)ର ଏରିଅର୍ ଦରମା ପ୍ରଦାନ କରିବା ନିମନ୍ତେ ବାରମ୍ବାର ଅନୁରୋଧ ପରେ ମଧ୍ୟ କାର୍ଯ୍ୟାଳୟର ବରିଷ୍ଠ ସହକାରୀ ଅନିଲ କୁମାର ପଣ୍ଡା କୌଣସି ସହଯୋଗ କରୁନଥିଲେ। ପରେ ୧ ଲକ୍ଷ ଟଙ୍କା ଲାଞ୍ଚ ବଦଳରେ ଏହାର କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ଅଗ୍ରିମ ଆକାରରେ ୭୦ହଜାର ଟଙ୍କା ପିଅନ୍ ହରେକୃଷ୍ଣ ମାଝିଙ୍କ ବ୍ୟାଙ୍କ ଖାତାକୁ ଟ୍ରାନ୍ସଫର କରିବାକୁ କହିଥିଲେ। କହିବାନୁସାରେ ଅଭିଯୋଗକାରୀ କର୍ମଚାରୀ ଜଣକେ ଭିଜିଲାନ୍ସ ବିଭାଗ ଠାରେ ଅଭିଯୋଗ କରିଥିଲେ। ଯୋଜନା ଅନୁସାରେ ଉକ୍ତ ଟଙ୍କା ପିଅନଙ୍କ ଆକାଉଣ୍ଟରେ ଜମା ହେବା ପରେ ଭିଜିଲାନ୍ସ ଟିମ୍ ଚାଉ କରିଥିଲେ।

### ଗିରି ରୋଡ୍ ବର୍ବରତା

## ବଡ଼କୁ ଏନକାଉଣ୍ଟର, ସାନର ଆତ୍ମସମର୍ପଣ

ବ୍ରହ୍ମପୁର, ୨୧।୫(ନି.ପ୍ର.): ବ୍ରହ୍ମପୁର ଗିରି ରୋଡ୍ ବର୍ବରତା ଘଟଣାରେ ଆଉ ଜଣେ ଅଭିଯୁକ୍ତ ଆତ୍ମସମର୍ପଣ କରିଛି । ମୁଖ୍ୟ ଅଭିଯୁକ୍ତ ମୁଫତେସ ସାହୁ ଓରଫ ମୁକେଶର ସାହୁର ସାନ ଭାଇ ଆଶିଷ କୁମାର ସାହୁ ବ୍ରହ୍ମପୁର ଟାଉନ ଥାନା ପୋଲିସ ନିକଟରେ ଗୁରୁବାର ଆତ୍ମସମର୍ପଣ କରିଛି । ଗତକାଲି ବିଳମ୍ବିତ ରାତିରେ ବ୍ରହ୍ମପୁର ନିକଟସ୍ଥ ଟାମଣା ଘାଟିରେ ପୋଲିସ ଓ ଅଭିଯୁକ୍ତ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବା ପରେ ଏହି ଏନକାଉଣ୍ଟର ହୋଇଛି।

ଉଲ୍ଲେଖ ଯୋଗ୍ୟ, ଗତ ୧୮ ତାରିଖ ରାତିରେ ଉମେଶ ନାମକ ଜଣେ ବ୍ୟକ୍ତିଙ୍କୁ ଅତି ଅମାନୁଷିକ ଭାବରେ ରାସ୍ତାରେ ମଝିରେ ମାଡ଼ ମରାଯାଇଥିଲା । ଉମେଶଙ୍କ ସହିତ ଥିବା ତାଙ୍କ ବାନ୍ଧବୀ ଅଟକାଇବାକୁ ଯାଇ ସିଏ ମଧ୍ୟ ଆକ୍ରମଣର ଶୀକାର ହୋଇଥିଲେ । ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ମାମଲାରେ ମୋଟ ତିନି ଜଣଙ୍କୁ ଗିରଫ କରାଯାଇଛି । ମୁଖ୍ୟ ଅଭିଯୁକ୍ତ ମୁକେଶ ସାହୁକୁ ଗତକାଲି ରାତିରେ ପୋଲିସ ଏନକାଉଣ୍ଟର କରିଥିବାବେଳେ ଅନ୍ୟ



ଦୁଇ ଅଭିଯୁକ୍ତ ରାଜ ମଲହୋତ୍ରା ଓ ଲିଙ୍ଗରାଜ ସାମଲଙ୍କୁ ଗିରଫ କରାଯାଇଛି । ଗତକାଲି ବିଳମ୍ବିତରେ ପୋଲିସ ସହ ମୁହାଁମୁହିଁ ହେବା ପରେ ଅଭିଯୁକ୍ତ ମୁକେଶ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଏନକାଉଣ୍ଟର କରିଛି । ଗତ ସାତ ଦିନ ମଧ୍ୟରେ ବ୍ରହ୍ମପୁର ପୋଲିସ ପକ୍ଷରୁ ଦୁଇ ଦୁଇଟି ଏନକାଉଣ୍ଟର କରାଯାଇଛି।

## ରାଜସ୍ଥାନ ବିଜେପି ମୁଖ୍ୟାଳୟ ଘେରାଉ କଲେ କଂଗ୍ରେସ କର୍ମୀ

ଜୟପୁର, ୨୧।୫: ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଥିବା 'ନିଟ୍-୨୦୨୬' ପରୀକ୍ଷା ପେପର ଲିକ୍ ମାମଲାକୁ ନେଇ ରାଜସ୍ଥାନର ରାଜଧାନୀ ଜୟପୁରରେ ଏକ ଭୟଙ୍କର ରାଜନୈତିକ ଉତ୍ତେଜନା ପ୍ରକାଶ ପାଇଛି। ଏହି ଦୁର୍ନୀତି ବିରୁଦ୍ଧରେ ପ୍ରତିବାଦର ସ୍ୱର ଉଠାଇବା ସହ ଶାସକ ବିଜେପି ବିରୋଧରେ କଂଗ୍ରେସ କର୍ମୀମାନେ ବ୍ୟାପକ ଭାବେ ରାସ୍ତାକୁ ଓହ୍ଲାଇଛନ୍ତି। ରାଜ୍ୟ କଂଗ୍ରେସ ସଭାପତି ଗୋବିନ୍ଦ ସିଂହ ଦୋତାସାରାଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ହଜାର ହଜାର ପ୍ରତିବାଦକାରୀ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟାଳୟରୁ ଏକ ବିଶାଳ ପଦଯାତ୍ରା ବାହାର କରିସହିଦ ସ୍ମାରକୀ ଦେଇ ଭାରତୀୟ ଜନତା ପାର୍ଟିର ରାଜ୍ୟ ମୁଖ୍ୟାଳୟ ଅଭିମୁଖେ ଅଗ୍ରସର ହୋଇଥିଲେ।

## ଇବୋଲା ଆତଙ୍କ : ଭାରତ-ଆଫ୍ରିକା ୟୁନିୟନ ସମ୍ମିଳନୀ ସ୍ଥଗିତ

ନୂଆଦିଲ୍ଲୀ, ୨୧।୫: ଆଫ୍ରିକାରେ ଇବୋଲା ଭୂତାଣୁ ଯୋଗୁ ସୃଷ୍ଟି ହୋଇଥିବା ଚିନ୍ତାଜନକ ସ୍ଥିତର ପ୍ରଭାବ ଭାରତରେ ଦେଖିବାକୁ ମିଳିଛି। ଇବୋଲା ଭୂତାଣୁ ଆଫ୍ରିକାରେ ଜୀବନ ନେଉଥିବାରୁ ନୂଆଦିଲ୍ଲୀରେ ହେବାକୁ ଥିବା ସମ୍ମିଳନୀକୁ ସ୍ଥଗିତ କରି ଦିଆଯାଇଛି। ଆସନ୍ତା ୨୮ରୁ ୩୧ ଯାଏ ଭାରତ ଓ ଆଫ୍ରିକା ୟୁନିୟନ ମଧ୍ୟରେ ଗୋଟିଏ ବଡ ସମ୍ମିଳନୀ ଦିଲ୍ଲୀରେ ହେବାକୁ ଥିଲା। କିନ୍ତୁ ଏବେ ଏହାକୁ ପରବର୍ତ୍ତୀ ତାରିଖ ଯାଏ ସ୍ଥଗିତ କରି ଦିଆଯାଇଛି।

ବର୍ତ୍ତମାନ ଆଫ୍ରିକାର ବିଭିନ୍ନ ସ୍ଥାନରେ ମାରାତ୍ମକ ଇବୋଲା ଭାଇରସ ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ଡେମୋକ୍ରାଟିକ ରିପବ୍ଲିକ ଅଫ କଙ୍ଗୋର ଦକ୍ଷିଣ କିଭୁ ପ୍ରଦେଶରେ ଏହା ଜଣଙ୍କ ପରେ ଜଣଙ୍କୁ ମୁଣ୍ଡ ନେଉଛି। ସେଠାକାର ସ୍ୱାସ୍ଥ୍ୟ




ସମସ୍ୟାକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବି ଚିନ୍ତା ପ୍ରକଟ କରିଛି। ଏସବୁ ଭିତରେ ଭାରତ ଓ ଆଫ୍ରିକା ୟୁନିୟ ୪ର୍ଥ ଭାରତ-ଆଫ୍ରିକା ସମ୍ମିଳନୀ ପାଇଁ ପ୍ରସ୍ତୁତ ହେଉଥିଲେ। କିନ୍ତୁ ଆଫ୍ରିକାର ସ୍ଥିତିକୁ ଦେଖି ଉଭୟ ପକ୍ଷ ସମ୍ମିଳନୀ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି।ପରବର୍ତ୍ତୀ ସମୟରେ ଦୁଇ ପକ୍ଷ ମିଳିତ ଭାବେ ସମ୍ମିଳନୀ ପାଇଁ ନୂଆ ତାରିଖ ସ୍ଥିର କରିବେ। ଏ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯିବ ବୋଲି ଭାରତ ସରକାର କହିଛନ୍ତି। ସମ୍ମିଳନୀକୁ ସ୍ଥଗିତ ରଖିବାକୁ ଘୋଷଣା କରିବା ପୂର୍ବରୁ ଭାରତ ସରକାର, ଆଫ୍ରିକା ୟୁନିୟନ ଅଧ୍ୟକ୍ଷ ଓ ଆଫ୍ରିକା ୟୁନିୟନ କମିଶନ ଆଲୋଚନା କରିଥିଲେ। ଏହାପରେ ସମସ୍ତେ ମିଳିତ ଭାବେ ୪ର୍ଥ ଭାରତ-ଆଫ୍ରିକା ଫୋରମ ସମ୍ମିଳନୀକୁ ପରବର୍ତ୍ତୀ ତାରିଖକୁ ଘୁଞ୍ଚାଇ ଦେବା ଶ୍ରେୟସ୍କର ହେବ ବୋଲି ମତ ରଖିଥିଲେ। ଭାରତରେ ଏଯାଏ ଇବୋଲା ଭୂତାଣର କୌଣସି ମାମଲା ଚିହ୍ନଟ ହୋଇନାହିଁ। ତଥାପି କେନ୍ଦ୍ର ସରକାର ସର୍ଭେଲାନ୍ସକୁ ଜୋରଦାର କରିବା ସହ ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକ ବିଦେଶରୁ ଆସୁଥିବା ଲୋକଙ୍କୁ ସ୍କ୍ରିନିଂ କରିବାକୁ କୁହାଯାଇଛି। ସଙ୍ଗରୋଧ ଠାରୁ ଆରମ୍ଭ କରି ଲ୍ୟାବ ଟେଷ୍ଟିଂ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦିଆଯାଇଛି।

# ଦେଉଳକଣ ପଞ୍ଚାୟତ କଂଗ୍ରେସର କର୍ମୀ ସମ୍ମିଳନୀ






ଦାନଗଦି, ୨୧।୫(ନି.ପ୍ର.)): ଦାନଗଦି ବ୍ଲକ ଅନ୍ତର୍ଗତ ଦେଉଳକଣ ଗ୍ରାମପଞ୍ଚାୟତ ର ମା ଖଣ୍ଡୁରାଇ ମନ୍ଦିର ପ୍ରାଙ୍ଗଣ ରେ ପଞ୍ଚାୟତ ସଭାପତି ରମେଶ ଚନ୍ଦ୍ର ରାଉତଙ୍କ ଅଦକ୍ଷତାରେ ପଞ୍ଚାୟତ କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଓ ରାଜୀବ ଗାନ୍ଧିଜୀ ଙ୍କର ଶ୍ରାଦ୍ଧ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ବୟିଠକ ରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶରତ ରାଉତ ଅନ୍ୟତମ ଅତିଥି ବିଧାୟକ ପ୍ରାର୍ଥୀ ଇଂ ବିଭୂ ଭୂଷଣ ରାଉତ, ନିର୍ବାଚନ ମଣ୍ଡଳୀ ବି ଏଲ ଏ -୧ ମହେନ୍ଦ୍ର କୁମାର ଦାଶ, ସୁକିନ୍ଦା ବ୍ଲକ କଂଗ୍ରେସ ସଭାପତି ମଦନ ମୋହନ ଖୁଣ୍ଟିଆ, ଦାନଗଦି ବ୍ଲକ କଂଗ୍ରେସ ସଭାପତି ଦୟାନିଧି ପଲେଇ, ସାଧାରଣ ସମ୍ପାଦକ ଉମାକାନ୍ତ ଜେନାମାଣି, ୮ଜୋନ ପ୍ରାକ୍ତନ ସଭାପତି ଦାମୋଦର ପୁହାଣ,ବ୍ଲକ ମହିଳା ସଭାନେତ୍ରୀ ପ୍ରଭାତୀ ବଳ. ଜିଲ୍ଲା ଉପସଭାପତି ସୁକୁମାର ଦେଓ. ବିର କିଶୋର ସାହୁ. ପ୍ରଭାତ ସାମନ୍ତ, ଦୁର୍ଯ୍ୟୋଧନ ମହାନ୍ତ, ରଙ୍ଗଲତା ମହାନ୍ତ. ମଙ୍ଗଲ ମୁଣ୍ଡା. ରଞ୍ଜନ ଯେନା. ରଇନା ମହାନ୍ତ. ରଞ୍ଜନ ପାତ୍ର. ଭୀମ ପାତ୍ର, ଟୁକୁନୁ ପାତ୍ର, ଶରତ ମହାନ୍ତ,ହୃଦାନନ୍ଦ ସେଠୀ, ଅନାମ ମହାନ୍ତ. ମଧୁ ପାତ୍ର, ହାଡ଼ିଆ ମହାନ୍ତ ଓ ଅନ୍ୟ ଦଳ ପରିତ୍ୟାଗ କରି ବିଧିବଦ୍ଧ ଭାବେ କଂଗ୍ରେସ ଦଳରେ ସାମିଲ ହେଲେ ବିନୋଦ ମୁର୍ମୁ, ବୁଧଦେବ ମୁର୍ମୁ , ଧନସିଂ ମୁର୍ମୁ ସମେତ ବରିଷ୍ଠ, ଯୁବକ ଓ ମହିଳା ବହୁ ସଂଖ୍ୟାରେ ଉପସ୍ଥିତ ଥିଲେଫୟ।

## ଆରଡବ୍ଲୁଏସଏସ ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର, ୨୧।୫(ନି.ପ୍ର.): ରାୟଗଡ଼ା ଜିଲ୍ଲା କୋଲନାରା ବ୍ଲକର ଗ୍ରାମୀଣ ଜଳଯୋଗାଣ ଓ ପରିମଳ (ଜଡଝଝ) ବିଭାଗର ସହକାରୀ ଯନ୍ତ୍ରୀ ମଳୟ କୁମାର ନାୟକଙ୍କ ବିରୋଧରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଗୁରୁବାର ବଡ଼ ଧରଣର ଚଢ଼ାଉ ଆରମ୍ଭ କରିଛି ଓଡ଼ିଶା ଭିଜିଲାନ୍ସ।

ବେରହମପୁର ଭିଜିଲାନ୍ସ ସ୍ପେଶାଲ ଜଜଙ୍କ ସର୍ଚ୍ଚ ୱାରେଣ୍ଟ ଆଧାରରେ ଭିଜିଲାନ୍ସର ଏକାଧିକ ଟିମ୍ ଗଞ୍ଜାମ ଓ ରାୟଗଡ଼ା ଜିଲ୍ଲାରେ ଥିବା ମଳୟ ନାୟକଙ୍କ ସମ୍ପର୍କିତ ୭ଟି ସ୍ଥାନରେ ଏକକାଳୀନ ତଲାସି ଚଳାଇଛନ୍ତି। ଏହି ଅଭିଯାନରେ ୫ ଜଣ ଡିଏସ୍‌ପି, ୬ ଜଣ ଇନ୍ସପେକ୍ଟର ଓ ଅନ୍ୟାନ୍ୟ ସହାୟକ କର୍ମଚାରୀ ସାମିଲ ଅଛନ୍ତି ।ଚଢ଼ାଉ ହେଉଥିବା ସ୍ଥାନଗୁଡ଼ିକ ମଧ୍ୟରେ ବ୍ରହ୍ମପୁରର ସାଉଣ୍ଡର୍ଯ୍ୟ ନଗରସ୍ଥିତ ତିନି ମହଲା ବିଶିଷ୍ଟ ବାସଭବନ, ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦର ଥୋଲାଣ୍ଡା ବଡ଼ଦାଣ୍ଡ ସାହିରେ ଥିବା ପୈତୃକ ଘର, ବୁଗୁଡ଼ାର ବାଲିପିଣ୍ଡି ସାହି ଓ ପଙ୍କଲ ସାହିରେ ଥିବା ସମ୍ପର୍କୀୟଙ୍କ ଘର ସାମିଲ ରହିଛି। ଏହାଛଡ଼ା ଗୋଳନ୍ଥରା ଅଞ୍ଚଳର କମଳାପୁରରେ ଥିବା ଶାଶୁଘର, ରାୟଗଡ଼ାର ରୋଇଟ୍ କଲୋନୀରେ ଥିବା ଭଡ଼ାଘର ଏବଂ କୋଲନାରା ବ୍ଲକ କାର୍ଯ୍ୟାଳୟରେ ଥିବା ତାଙ୍କ ଅଫିସ ପ୍ରକୋଷ୍ଠରେ ମଧ୍ୟ ତଲାସି ଚାଲିଛି ।ଭିଜିଲାନ୍ସ ଅଧିକାରୀମାନେ ବିଭିନ୍ନ ଜମିଜମା ସମ୍ବନ୍ଧୀୟ ଦସ୍ତାବିଜ, ବ୍ୟାଙ୍କ ଖାତା, ମୂଲ୍ୟବାନ ସାମଗ୍ରୀ ଓ ଅନ୍ୟାନ୍ୟ ଆର୍ଥିକ ରେକର୍ଡ ଯାଞ୍ଚ କରୁଛନ୍ତି। ତାଙ୍କ ଜଣାଶୁଣା ଆୟ ଉତ୍ସ ତୁଳନାରେ କେତେ ପରିମାଣର ସମ୍ପତ୍ତି ସଞ୍ଚୟ ହୋଇଛି, ତାହାର ଖୋଳତାଡ଼ କରାଯାଉଛି।

### ଡାହୁକ



ଘର ଭିଙ୍କି ଏଠି କୁମ୍ଭୀର ସାଜୁଛି
ଫସଲ ଖାଉଚି ବାଡ଼
ଏରୁଣ୍ଡି ଡେଇଁଲେ ଡର
ପଦକ୍ଷେପ କଡ଼ା ସିଜୁନେଇଁ ଖଡ଼ା
ଏମିତି ଏ ସରକାର।
-ବିଧୁ

# ୧୦ ପ୍ରସ୍ତାବ ଉପରେ ବାଜିଲା କ୍ୟାବିନେଟ୍ ମୋହର

ଭୁବନେଶ୍ୱର, ୨୧।୫(ନି.ପ୍ର.): ସମୟକ୍ରମେ ଅପ୍ରଚଳିତ ୩୫୮ଟି ଅଧିନିୟମ (ଆଇନ)କୁ ବିଲୋପ କରି ଦିଆଯାଇଛି। ଏ ସଂକ୍ରାନ୍ତରେ ଆଇନ ବିଭାଗର ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ୧୯୭୪ରୁ ୨୦୨୫ ମଧ୍ୟରେ ବିଧାନସଭା ଦ୍ୱାରା ପ୍ରଣୀତ ୩୫୮ଟି ଅଧିନିୟମକୁ ବିଲୋପ ନିମନ୍ତେ ଓଡିଶା ରାଜ୍ୟ ଆଇନ ଆୟୋଗ ସୁପାରିସ କରିଥିଲା। ଏହାକୁ କାର୍ଯ୍ୟକାରୀ ପାଇଁ ଆଇନ ବିଭାଗ ପକ୍ଷରୁ ଓଡିଶା ବିଲୋପ ବିଲ୍-୨୦୨୬ ଅଣାଯାଇଛି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ବସିଥିବା କ୍ୟାବିନେଟ୍ ବୈଠକରେ ୭ଟି ବିଭାଗର ୧୦ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବୈଠକ ପରେ ମୁଖ୍ୟ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ କହିଛନ୍ତି, ଏହି ୩୫୮ ଅଧିନିୟମକୁ ଆଉ ଆଇନ ପୁସ୍ତକରେ ରଖିବାର ଆବଶ୍ୟକତା ନାହିଁ। ସେହିପରି ଓଡିଶା ଜିଲ୍ଲା ଓ ସିଭିଲ୍ କୋର୍ଟର ଅଣ-ନ୍ୟାୟିକ କର୍ମଚାରୀ ସେବା (ନିଯୁକ୍ତି ପ୍ରଣାଳୀ ଏବଂ ସେବା ସର୍ତ୍ତାବଳୀ) ନିୟମାବଳୀ, ୨୦୦୮ର ସଂଶୋଧନ ମାଧ୍ୟମରେ ଗ୍ରୁପ୍-ଡି କର୍ମଚାରୀମାନଙ୍କୁ ଜୁନିୟର କ୍ଲର୍କ ପଦବିକୁ ପଦୋନ୍ନତି ପାଇବାର ସୁଯୋଗ ଦିଆଯାଇଛି। ଏହାସହ ଉଚ୍ଚ ନ୍ୟାୟାଳୟ ଓ ଜିଲ୍ଲା ନ୍ୟାୟାଳୟରେ କୋର୍ଟ ମ୍ୟାନେଜର ସେବାକୁ ନିୟମିତ ପାଇଁ ନୂତନ ନିୟମାବଳୀ ପ୍ରଣୟନ ନିଷ୍ପତ୍ତି ହୋଇଛି। କ୍ୟାବିନେଟ୍ 'ଓଡିଶା ହାଇସ୍ପିଡ୍ ଡିଜେଲ୍ ଡିଲର୍ସ ଲାଇସେନ୍ସ ଆଦେଶ, ୧୯୭୯' ରଦ୍ଦ ପାଇଁ 'ଓଡିଶା ହାଇସ୍ପିଡ୍ ଡିଜେଲ୍ ଡିଲର୍ସ ଲାଇସେନ୍ସ ରିପିଲ୍, ୨୦୨୬' ନାମକ ଏକ ନୂତନ ଅଧିସୂଚନାକୁ ଅନୁମୋଦନ ପ୍ରଦାନ କରିଛନ୍ତି। ଏହା ଦ୍ୱାରା ରିଟେଲ୍ ଆଉଟଲେଟ୍ ସ୍ଥାପନ ନିମନ୍ତେ ଜିଲ୍ଲାପାଳଙ୍କଠାରୁ ଏନ୍‌ଓସି ଆଣିବାକୁ ପଡିବନି।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ଓଡିଶା ସାମୁଦ୍ରିକ ମତ୍ସ୍ୟଧରା ନିୟନ୍ତ୍ରଣ ଆଇନ, ୧୯୮୨କୁ ଉଚ୍ଛେଦ କରି ନୂତନ ଓଡିଶା ସାମୁଦ୍ରିକ ମତ୍ସ୍ୟଧରା ନିୟନ୍ତ୍ରଣ ଅଧିନିୟମ,୨୦୨୬ ପ୍ରଣୟନ କରିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି। ଏହି ନୂତନ ଆଇନରେ ଉପକୂଳବର୍ତ୍ତୀ ସମ୍ପ୍ରଦାୟର ସୁରକ୍ଷା, ତଟୀୟ ଓ ଜାତୀୟ ନିରାପତ୍ତାକୁ ଉଚ୍ଚ ପ୍ରାଥମିକତା ଦିଆଯାଇଛି। ଆଇନରେ ଟ୍ରାନ୍ସପଣ୍ଡର, ଭିଏଚ୍‌ଏଫ୍ ରେଡିଓ, ଭେସେଲ୍ ଟ୍ରାକିଂ ଆଣ୍ଡ ମନିଟରିଂ ସିଷ୍ଟମ (ଭିଟିଏମ୍‌ଏସ୍) ସମେତ ଆଧୁନିକ ନିରାପତ୍ତା ଉପକରଣ ଏବଂ ଯୋଗାଯୋଗ ଜ୍ଞାନକୌଶଳର ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି। ମତ୍ସ୍ୟଜୀବୀଙ୍କ ପାଇଁ ବାଧ୍ୟତାମୂଳକ ବାୟୋମେଟ୍ରିକ୍, କ୍ୟୁଆର୍ କୋଡ୍‌ଯୁକ୍ତ ଆଧାର ପରିଚୟପତ୍ର ଓ ଉନ୍ନତ ବୀମା କଭରେଜ୍ ବ୍ୟବସ୍ଥା କରାଯାଇଛି। ଏହି ଆଇନ ଲାଗୁ ହେଲେ ବେଆଇନ, ଅଣରିପୋର୍ଟ ଏବଂ ଅନିୟନ୍ତ୍ରିତ ମାଛଧରା କାର୍ଯ୍ୟକଳାପକୁ ରୋକାଯାଇପାରିବ। ଏହି ନୂତନ ଆଇନ ବଳରେ ୨୦୩୬ ସୁଦ୍ଧା ସାମୁଦ୍ରିକ ମତ୍ସ୍ୟ କ୍ଷେତ୍ରକୁ ସମ୍ପ୍ରସାରିତ କରି ୨୫ ହଜାର କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ରପ୍ତାନି ଲକ୍ଷ୍ୟ ହାସଲ କରାଯାଇପାରିବ ବୋଲି ଲକ୍ଷ୍ୟ ରଖାଯାଇଛି।

'ଓଡିଶା ପ୍ରତ୍ନତାତ୍ତ୍ୱିକ କ୍ୟୁରେଟର ସେବା ନିୟମାବଳୀ, ୨୦୨୬'କୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏହା ଦ୍ୱାରା ସ୍ୱତନ୍ତ୍ର ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ଗଠନ ପ୍ରକ୍ରିୟା ପାଦେ ଆଗେଇଛି। ରାଜ୍ୟର ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜିର ସୁପରିଚାଳନା, ସୁରକ୍ଷା ଓ ସଂରକ୍ଷଣ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ସ୍ଥାପନ, ପ୍ରତ୍ନତାତ୍ତ୍ୱିକ କ୍ୟୁରେଟର ସେବା କ୍ୟାଡର୍‌ର ପୁନର୍ଗଠନ ଏବଂ କ୍ୟାଡର୍ ନିୟମାବଳୀ ପ୍ରଣୟନ ନିମନ୍ତେ ୨୦୨୩ ଅକ୍ଟୋବର ମାସରେ କ୍ୟାବିନେଟ୍ ନିଷ୍ପତ୍ତି ନେଇଥିଲା। ସ୍ୱତନ୍ତ୍ର ରାଜ୍ୟ ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜି ସହଜରେ ସଂରକ୍ଷିତ ହୋଇପାରିବ। ସେହି ଅନୁଯାୟୀ ଓଡିଶା ପ୍ରତ୍ନତାତ୍ତ୍ୱିକ କ୍ୟୁରେଟର ସେବା ବର୍ଗର ବିଭିନ୍ନ ପଦରେ ନିଯୁକ୍ତି ଓ ପଦୋନ୍ନତି ପାଇଁ 'ଓଡିଶା ପ୍ରତ୍ନତାତ୍ତ୍ୱିକ କ୍ୟୁରେଟର ସେବା ନିୟମାବଳୀ, ୨୦୨୬' ପ୍ରଣୟନ କରାଯାଇଛି।

ଓଡିଶା ଅମଲା ସେବା ନିୟମାବଳୀ, ୨୦୨୬କୁ କ୍ୟାବିନେଟ୍ ସ୍ୱୀକୃତି ମିଳିଛି। ପୂର୍ବରୁ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଅଧୀନରେ ଥିବା ଜିଲ୍ଲା କାର୍ଯ୍ୟାଳୟ ଏବଂ ଏହାର ଅଧସ୍ତନ କାର୍ଯ୍ୟାଳୟରେ ଅମଲା ପଦଗୁଡ଼ିକ ଜିଲ୍ଲା ରାଜସ୍ୱ ଅମଲା କ୍ୟାଡର କର୍ମଚାରୀମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ନୂଆ ନିୟମାବଳୀ ପ୍ରଣୟନ ଦ୍ୱାରା ବିଭାଗର ଜିଲ୍ଲା କାର୍ଯ୍ୟାଳୟ ଏବଂ ଏହାର ଅଧସ୍ତନ କାର୍ଯ୍ୟାଳୟଗୁଡ଼ିକର ମୂଳ ସ୍ତରର ପଦବିଗୁଡ଼ିକରେ ନିଯୁକ୍ତି ଏବଂ କର୍ମଚାରୀମାନଙ୍କ ପରବର୍ତ୍ତୀ ପଦୋନ୍ନତି ଏହି ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ରହିବ। ନୂଆ ନିୟମ ଅନୁଯାୟୀ ଚାରିଟି ସ୍ତରରେ ୧୦୩୨ଟି ପଦବି ରହିବ। ଏହା ମଧ୍ୟରେ ରହିଛି କନିଷ୍ଠ ସହାୟକ ୬୩୦, ବରିଷ୍ଠ ସହାୟକ ୨୪୯, ସହକାରୀ ଉପବିଭାଗ ଅଧିକାରୀ ୧୦୦ ଓ ଉପବିଭାଗ ଅଧିକାରୀ ୫୩।

ସମ୍ବାଦ

ଶୁକ୍ରବାର ୨୨, ମଇ ୨୦୨୬, ଭୁବନେଶ୍ୱର

Friday, 22 May 2026 Bhubaneswar





'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ନିର୍ଭୟା କାଣ୍ଡର ପୁନରାବୃତି

ଜାତୀୟ ରାଜଧାନୀ ଦିଲ୍ଲୀର ନାଙ୍ଗୋ୍ଲଇରେ ଏକ ଘରୋଇ ସ୍ଲିପର ବସ ଭିତରେ ଜଣେ ମହିଳାଙ୍କୁ ବସର ଚାଳକ ଓ କଣ୍ଡକ୍ଟର ଗଣଦୁଷ୍କର୍ମ କରିବା ଘଟଣା କେବଳ ୧୪ବର୍ଷ ତଳର ବହୁ ଚର୍ଚ୍ଚିତ ନିର୍ଭୟା ଗଣଦୁଷ୍କର୍ମ ଘଟଣାର ହୃଦୟ ବିଦାରଣ କାହାଣୀକୁ ସ୍ମରଣ କରାଇଦେଇନାହିଁ, ଦିଲ୍ଲୀର ସର୍ବସାଧାରଣ ସ୍ଥାନ ଏବେ ବି ମହିଳାଙ୍କ ପାଇଁ ସୁରକ୍ଷିତ ନୁହେଁ ବୋଲି ସନ୍ଦେଶ ପ୍ରଦାନ କରିଛି ବୋଲି କୁହାଯାଇପାରିବ। ସ୍ମରଣ କରାଇ ଦିଆଯାଇପାରେ ଯେ, ୨୦୧୨ ମସିହା ଡିସେମ୍ବର ମାସରେ ଚଳନ୍ତା ବସ ଭିତରେ ପାରା-ମେଡିକାଲ ଛାତ୍ରୀ 'ନିର୍ଭୟା'କୁ ଗଣଦୁଷ୍କର୍ମ କରିବା ସହ ଅତି ନୃଶଂସ ଭାବେ ହତ୍ୟା କରାଯାଇଥିଲା, ଯେଉଁ ଘଟଣା ସାରା ଭାରତର ବିବେକକୁ ଦୋହରାଇ ଦେଇଥିଲା। ଏବେ ଅନୁରୂପ ଏକ ଘଟଣାର ପୁନରାବୃତି ଜାତୀୟ ରାଜଧାନୀର ପ୍ରଶାସନ, ପୋଲିସ ଏବଂ ପରିବହନ କର୍ତ୍ତୃପକ୍ଷଙ୍କ ବିଫଳତାର ଏକ ନିନ୍ଦନୀୟ ନିଦର୍ଶନ ବୋଲି କୁହାଯାଇପାରିବ। ଏହି ଅମାନୁଷିକ ଘଟଣା କେବଳ ନିଜ ଉପରେ ହମଲା ନୁହେଁ କିନ୍ତୁ ପରିସ୍ଥିତିର ଭୟବହତା ପରିଚିତ କରାଉଛି। କହିବା ବାହୁଲ୍ୟ ଯେ, ବସ ହେଉଛି ଏକ ସାର୍ବଜନୀନ ପରିବହନ ଏବଂ ନିରାପଦ ସ୍ଥାନ, ଯାହାକି ପୁଣି ଥରେ ଏକ ଆତଙ୍କର ସ୍ଥାନରେ ପରିଣତ ହୋଇଛି। ଆହୁରି ମଧ ଛାତ୍ରୀଙ୍କ ସୁରକ୍ଷା ଦାୟିତ୍ୱ ନ୍ୟସ୍ତ ଥିବା ବସର ଡ୍ରାଇଭର ଓ କଣ୍ଡକ୍ଟର ନିଜେ ଭକ୍ଷକ ସାଜିଛନ୍ତି। ତେବେ ଏହି ଘଟଣାରେ ପୋଲିସ ତ୍ୱରିତ ପଦକ୍ଷେପ ଗ୍ରହଣ କରି ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୨ ନିର୍ଭୟା ଗଣଦୁଷ୍କର୍ମ ଓ ହତ୍ୟ ଘଟଣା ପରେ ମହିଳା ସୁରକ୍ଷା ନେଇ ଦେଶରେ ବିସ୍ତୃତ ଓ କଠୋର ଆଇନ ପ୍ରଣୟନ ହୋଇଥିଲା। ଫାଷ୍ଟଟ୍ରାକ କୋର୍ଟ ପ୍ରତିଷ୍ଠା, ଆଜୀବନ କାରାଦଣ୍ଡ, ମୃତ୍ୟୁଦଣ୍ଡ ବ୍ୟବସ୍ଥା, ସିସିଟିଭି ସର୍ଭିଲାନ୍ସର ସଂପ୍ରସାରଣ ସମେତ ମହିଳାମାନଙ୍କ ସୁରକ୍ଷା ପାଇଁ ବ୍ୟାପକ ଏବଂ କଠୋରରୁ କଠୋରତମ ଆଇନ ପ୍ରଣୟନ ହୋଇଥିବା ସତ୍ୱେ ସେ ସବୁ ଏବେ ବହୁ ଆଡମ୍ବରରେ ଲଘୁ କ୍ରିୟା ସଦୃଶ ହୋଇଛି ବୋଲି କହିଲେ ଅତରଂଜିତ ହୋଇନପାରେ। କହିବା ବାହୁଲ୍ୟ ଯେ, ୨୦୧୩ ରୁ ଦେଶରେ ମହିଳା ସୁରକ୍ଷା ଆଇନ କାର୍ଯ୍ୟକାରୀ ହେବା ପରେ ଦୁଷ୍କର୍ମ, ହତ୍ୟା, ଯୌନ ନିର୍ଯ୍ୟାତନା, ଯୌତୁକ ନିର୍ଯ୍ୟାତନା, ଯୌତୁକ ହତ୍ୟା, ଘର ଭିତରେ ଏବଂ ବାହାରେ ମହିଳା ବିରୋଧି ହିଂସା ବଢିଛି ସିନା କମିବା ନାଁ ଧରୁନଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି) ରିପୋର୍ଟ କହେ। ଆହୁରି ମଧ ଲୋକଲଜ୍ୟା ଯୋଗୁଁ ବହୁ ଘଟଣାକୁ ଲୋକଲୋଚନକୁ ଆସିପାରୁନଥିବା ବେଳେ ପୋଲିସ ନିଷ୍କ୍ରିୟତା, ତଦନ୍ତରେ ଶିଥିଳତା ଏବଂ ମାମଲାର ଶୁଣାଣୀରେ ମନ୍ଥରତା, ଦଣ୍ଡବିଧାନ ହାରର ନଗଣ୍ୟତା କାରଣରୁ ଦେଶରେ ମହିଳା ବିରୋଧି ହିଂସା, ଦୁଷ୍କର୍ମ ଆଦି ଘଟଣା ବଢିବାରେ ଲାଗିଛି। ଏହା ନିସନ୍ଦେହ ଯେ, ସାର୍ବଜନୀନ ଯାତ୍ରୀ ପରିବହନ ବ୍ୟବସ୍ଥା ବସ ଭିତରେ ମହିଳାଙ୍କୁ ଗଣଦୁଷ୍କର୍ମ ଘଟଣାର ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ କଥା କହେ। ଘରୋଇ ହେଉ ବା ସରକାରୀ ନିୟନ୍ତ୍ରଣାଧୀନ ବସ ହେଉ, ସବୁଥିରେ ଆବଶ୍ୟକୀୟ ସୁରକ୍ଷା ପରିଚାଳନାର ତଦାରଖର ଅଭାବ ରହିଛି। କଡା ଯାଂଚ ଅଭାବରୁ ଦିଲ୍ଲୀ ଏବେ ଅପରାଧିଙ୍କ ଭୂସ୍ୱର୍ଗରେ ପରିଣତ ହୋଇଛି। କେବଳ ଏତକି ନୁହେଁ, ବ୍ୟବସ୍ଥାଗତ ତୁଳନାରେ ଉପଖ୍ୟାନରେ ଗଢା ଉତର ଦାୟିତ୍ୱ ଯୋଗୁଁ ଜାତୀୟ ରାଜଧାନୀ ମହିଳାଙ୍କ ପାଇଁ ସବୁଠୁ ଅସୁରକ୍ଷିତ ସହରରେ ପରିଣଶତ ହୋଇଛି। ଘରୋଇ ବସଗୁଡିକୁ କଡାକଡି ଭାବେ ଯାଂଚ କରାଯିବା ସହ ସିସିଟିଭି ବାଧ୍ୟତାମୂଳକ ହେବା ଜରୁରୀ। ସେହିପରି ବସଗୁଡିକରେ ଜିପିସି ଟ୍ରାକିଂ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯିବାର ଆବଶ୍ୟକତା ରହିଛି। ତେବେ ସବୁଠାରୁ ପ୍ରସଙ୍ଗ ହେଉଛି ମହିଳାଙ୍କ ସୁରକ୍ଷା କେବଳ ସ୍ଲୋଗାନ ଯେପରି ସୀମିତ ରହିବ। ସେଥିପ୍ରତି ଉଭୟ ସରକାର, ପ୍ରଶାସନ, ପୋଲିସ ଯତ୍ନବାନ ହେବା ଆବଶ୍ୟକ। ଆଇନର କଡାକଡି କାର୍ଯ୍ୟକାରିତା ଏବଂ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ମହିଳାଙ୍କ ନିରାପତାକୁ ସୁନିଶ୍ଚିତ କରିପାରିବ।

# ସ୍ୱାବଲମ୍ବୀ ସମସ୍ତେ ହେବାକୁ ଚେଷ୍ଟା ଆରମ୍ଭ କରନ୍ତୁ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

କୁହାଯାଉଛି ଭାରତ ବର୍ଷରେ ୧୪୦ କୋଟି ଲୋକ, ଏ ଦେଶର ଖାଦ୍ୟ ଆଦି ଅତି ଦରକାରଦ୍ରବ୍ୟ ସବୁ ଯାହା ଦରକାର ଏ ଦେଶରେ ତାହା ପର୍ଯ୍ୟାପ୍ତ ଉତ୍ପାଦାନ ହେଉନାହିଁ। ସବୁ ସ୍ଥଳର ଜଳବାୟୁ ଓ ମାଟି ନିର୍ଦ୍ଦିଷ୍ଟ ଶସ୍ୟ ପନିପରିବା ଚାଷ ପାଇଁ ଯୋଗ୍ୟ ନୁହେଁ। ବୁଦ୍ଧିମାନ ମନୁଷ୍ୟ ମାନେ କିପରି ଏପରି ବୈଷମ୍ୟ ଦୂର ହୋଇପାରିବ ଏହା ଚେଷ୍ଟା ଚଳାଉଛନ୍ତି, ଦେଶ ସ୍ୱାଧୀନତା ହାସଲ ପୂର୍ବରୁ ଅନେକ ଲୋକ ବର୍ଷରେ ବହୁ ଦିନ ପେଟ ପୂର୍ଣ୍ଣ ଭୋଜନ କରିପାରୁ ନଥିଲେ, ମୁଲିଆ ଶ୍ରେଣୀ ଲୋକେ ଗାଁ ମହାଜନଙ୍କ ପାଖରୁ ଧାନ ଦେଢ଼ି ଫେରସ୍ତ ସୂତ୍ରରେ କରଜ ଆଣୁଥିଲେ, ଯାହା ପୂର୍ଣ୍ଣ ସମୟ ପରିଶ୍ରମ କରିବି ବର୍ଷ ତମାମ ନିଜେ ନିଜ କୁଟୁମ୍ବ ପିଲାଙ୍କୁ ଭୋଜନ ଯୋଗାଇବା ଅସମ୍ଭବ ହେଉଥିଲା ଗାଁ ମହାଜନ ସାହୁକାର ମାନେ ଋଣର ବାସ୍ନା ସୁଙ୍ଘାଇ ଭାତିଆମୁଲିଆ, ହଳିଆ କରାଇବା ପୁଣି ତାଙ୍କ ଜମିବାଡ଼ି ଭିଟାମାଟିକୁ କଣ୍ଟ କବଲା, ହ୍ୟାଣ୍ଡନୋଟ କରାଇ ନେଇ ସରଳରେ ଜମି ହଡ଼ପ କରାଉଥିଲେ, ଏକ ଶତ ଟଙ୍କା କରଜ ଦେଇ ମାସକୁ ଦଶ ଟଙ୍କା ସୁଧ ନେଇ ନେଇ ବହୁ ମାସ ଚାଲିଲେ ବି ମୂଳ ଋଣ ସେମିତିକା ଅକ୍ଷୟ ରହୁଥିଲା, ଋଣ ଦାତା ଏତେ କଠୋର ଯେତେବେଳେ ଋଣ ଖାତାକ ନେଉଥିଲେ ଋଣ ଅର୍ଥ ପୂର୍ଣ୍ଣ ଲେଖା ରଖି ତହିଁରୁ ମିଠେଇ ଖିଆ ଅର୍ଥ କାଟି ରଖୁଥିଲେ ଏପରି କରୁର ବ୍ୟବସ୍ଥାକୁ କଂଗ୍ରେସ ସରକାର ବେଳେ ଇନ୍ଦିରାଗାନ୍ଧୀ ବ୍ୟାଙ୍କ ଜାତୀୟ କରଣ କରିବା ସହ ଗ୍ରାମ୍ୟ ମହାଜନୀ ପ୍ରଥା ଆଇନୀ ଲଗାଇ ବନ୍ଦ କରିଥିଲେ।

ଅନେକ ରିକ୍ସା ଧନୀ ଲୋକମାନେ କିଣି, ତାଙ୍କ ପଇସାରୁ ପଇସା କାଢ଼ିବା ପାଇଁ କିଛି ରିକ୍ସା ଚାଳକଙ୍କୁ ସମୟଚୁକ୍ତିରେ ବା ଭଡ଼ାର ଅଂଶ ଚୁକ୍ତିରେ ରିକ୍ସା ଚଳାଇବାକୁ ଦେଉଥିଲେ ଏଥିରେ କଠିନ ପରିଶ୍ରମକାରୀ ରିକ୍ସା ଚାଳକ ଗଣ୍ଡେ ଭଲ ଖାଦ୍ୟ ଖାଇବା ଭଲ ମୋଟା ଶୋଟା ବସ୍ତ୍ର, ପରିବାର ପାଇଁ କିଣିବା, ପିଲାଙ୍କୁ ଶିକ୍ଷା ଦେବା ଏକ ପ୍ରକାର ଅସମ୍ଭବ ଥିଲା, ବ୍ୟାଙ୍କ ଜାତୀୟ କରଣ ପରେ ଅନେକ ଉପକାର ସାଧାରଣ ମୁଲିଆ ଶ୍ରମଜୀବୀ ଲୋକଙ୍କ ହୋଇଯାଇଛି। ପାରମ୍ପରିକ ଧାନ ଚାଷର ଧାରା କୃଷି ଗବେଷଣା କେନ୍ଦ୍ର ସ୍ଥାପିତ ହେବା କୃଷି ପାଇଁ ଉଚ୍ଚ ଶିକ୍ଷାର ପ୍ରଚଳନ ଦ୍ୱାରା ପରିବର୍ତ୍ତନ ହୋଇ ଏପରି ଧାନ ଚାଉଳର ଏବେ ଅଭାବ ଅନୁଭବ ହେଉନାହିଁ। କିନ୍ତୁ ଦିନ ଥିଲା ଲୋକେ ନିକଟ ବଙ୍ଗ ରାଜ୍ୟକୁ ପେଟ ପୋଷ, କୁଟୁମ୍ବ ପୋଷ, ପାଇଁ ଶ୍ରମିକ ରୂପେ, ସବାରୀ ବାହକ, ଗୋ ପାଳକ, ଦୁଗ୍ଧ ଦୁହାଁଳି କାର୍ଯ୍ୟ, ଘରେ ଘରେ ଜଳ ଯୋଗାଣ ପାଇଁ କାନ୍ଧରେ ବାହୁଙ୍ଗୀରେ ପେୟ ଜଳ, ସ୍ନାନ, ଶୌଚ ଜଳ ସଂଗ୍ରହ କରି ଯୋଗାଇ, ଜୀବିକା ଚଳାଉଥିଲେ, ଭଦ୍ରଖ, ବାରିକପୁର, ଭଣ୍ଡାରୀ ପୋଖରୀ ଏ ନାମରେ ଲୁଚିଛି ଲୋକଙ୍କୁ ଭଦ୍ର ସଜାଇବା ବୃତ୍ତି, ଯାହା ଖିଅର କରିବା, ବିବାହ ଉମପନୟନ କାର୍ଯ୍ୟରେ ପୂଜାପାଠ କାର୍ଯ୍ୟରେ, ଦୂତ ସମ୍ବାଦ ବାହକ କାର୍ଯ୍ୟରେ, ମୃତାହରେ ଶୁଦ୍ଧି କାର୍ଯ୍ୟରେ ସମ୍ଭ୍ରାନ୍ତ ଗୃହସ୍ଥଙ୍କ ଦରକାରୀ ଖବର, ନିମନ୍ତ୍ରଣ, ସୁପାରୀ ଚାଲାଣ ଏପରିକି ଶୁଭ ଅଶୁଭ ସମ୍ବାଦ ବାହକ ସାଜୁଥିଲେ, କୁହାଯାଏ ବାରିକ ମୁଠି ଟଙ୍କା ଛଅଟି ଅର୍ଥାତ୍ ସର୍ବନିମ୍ନ ପୁଞ୍ଜିରେ ରୋଜଗାର ଧନ୍ଦାକୁ, ଖୁର କତୁରୀ ଧରି ଜାଣିଲେ ପେଟ ଅପୋଷା ରହେନାହିଁ ହେଲେ ଏକ ଜାଗାରେ ଅନେକ ରହିଲେ ଭଲ ବୃତ୍ତି ଚାଲି ପାରିବ ନାହିଁ ବୋଲି ସେମାନେ କଲିକତା ପରି ସହରମୁହାଁ ହୋଇ କୃତ ଚଳାଉଥିଲେ। ଏବେ ଉକ୍ତ ସ୍ଥାନର ଲୋକେ ଦାରିଆପାରିରେ ବୃତ୍ତିରେ ବି ଅଛନ୍ତି ସେଲୁନ କରି ଅନେକ ରୋଜଗାରୀ। ଅନେକ କୃଷିଜୀବୀ ବଙ୍ଗାଳିବାବୁ ମାନଙ୍କ ଚାଷଜମିରେ ଚାଷ କୃଷି କରିବାକୁ, ମାଳୀମାନେ ବାବୁ ମାନଙ୍କର ସାହେବ ମାନଙ୍କର ଉପବନ ଉଦ୍ୟାନରେ ବହୁ ପ୍ରକାର ଫୁଲ ଫଳ ଚାଷ କରୁଥିଲେ।

ମାଳୀ କାମ ନିଯୋଗରେ କେନ୍ଦ୍ରାପଡ଼ାର ଜଣେ ବ୍ୟକ୍ତି ବିରଳା କମ୍ପାନୀଙ୍କ ମାଳୀ ରୂପେ ମୁତୟନ ହୋଇ ଦିଲ୍ଲୀ ବିରଳା ଭବନର ଉଦ୍ୟାନରେ କାର୍ଯ୍ୟରତ ଥିଲେ ନାଥୁରାମ ଗଡ଼ସେ ଯେତେବେଳେ ଗାନ୍ଧିଜୀଙ୍କୁ ଗୁଳି ମାରି ହୋଇହାଲ୍ଲା ମଧ୍ୟରେ ସ୍ଥାନ ପରିତ୍ୟାଗ କରି ଖସିଯାଉଥିଲେ ସେତେବେଳେ କେନ୍ଦ୍ରାପଡ଼ାର ମାଳୀକାମକାରୀ ବ୍ୟକ୍ତି ହିଁ ଗଡ଼ସେଙ୍କୁ ଆୟତ କରିଥିଲେ, ମାଳୀ କାମ କରି ଓଡ଼ିଆ କେବେ ହେଲେ ମାଲିକଙ୍କ ଅପ୍ରିୟ ହୋଇ ନାହାନ୍ତି। ବର୍ଦ୍ଧମାନରେ ଓଡ଼ିଆ କୃଷକ ଅନେକ ଚାଷ କ୍ଷେତ୍ରରେ ବଂଶାନୁ କ୍ରମିକ କାମକରି ସେଠାରେ କାଳକ୍ରମେ ସ୍ଥାୟୀ ବାସିନ୍ଦା ହୋଇଯାଇଛନ୍ତି। ଗୋପାଳନ ଗୋଚରଣ ଏ କାମ କିଛି ଜଣ କରୁଥିଲେ ବିଭିନ୍ନ କଳକାରଖାନାରେ କାମ କରୁଥିଲେ, ଝୋଟ ଚଟ କଳ, ଲୁଗାବୁଣା ପ୍ରଥମେ ହାତତନ୍ତ ପରେ ପରେ କଳ ତନ୍ତି ଲୁଗାବୁଣା ସୂତା ଆଦି କାରଖାନାରେ କାମ କରୁଥିଲେ। ବନ୍ଦର ଡକ ଶ୍ରମିକ ଖଲାସୀ କାମ କରୁଥିଲେ, ଅନେକ ମୁକ୍ତାର ଓକିଲ କୋର୍ଟ କଚେରୀରେ କାମ କରୁଥିଲେ, ରାଇଟର୍ସ ବିଲଡିଂରେ କିଛି ତଳିଆ କର୍ମଚାରୀ ଥିଲେ, ପୋସ୍ତା ବଡ଼ ବଜାରରେ ଗୋଦାମ ମାନଙ୍କରେ କଣ୍ଟା ବାଲା ବାହକ ଥିଲେ, ବଡ଼ ବଜାର ଥାନାରେ ଓଡ଼ିଆରେ ଅଭିଯୋଗ ନିଆଯାଉଥିଲା। ପଣ୍ଡିତ ଗୋପବନ୍ଧୁ ଦାଶ ତତ୍କାଳ ପୋସ୍ତା ଓଡ଼ିଆ ଶ୍ରମିକ ୟୁନିଅନ ପାଇଁ ଅନେକ ମଙ୍ଗଳକର କାର୍ଯ୍ୟ କରିଛନ୍ତି, ତାଙ୍କ ସ୍ମାରକୀରେ ତଳା ପଟ୍ଟୀ ନାମି ଉତ୍କଳମଣି ଗୋପବନ୍ଧୁ ସାରଣୀ ଦିଆଯାଇଥିଲା। ବିଖ୍ୟାତ ଆନନ୍ଦ ବଜାର ପତ୍ରିକାର ପରିବେଶ ରୂପେରହି ତିର୍ତ୍ତୋଲ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ପାତିରାମ ପରିଜା ବହୁ ଓଡ଼ିଆଙ୍କୁ ଖବରକାଗଜ ହକର ରୂପେ ମୁତୟନ କରିଥିଲେ, ଆସନ୍ତାକାଲି ମାସିକ ପତ୍ରିକା ତାଙ୍କ ସାନଭାଇଙ୍କ ଦ୍ୱାରା ମୁଦ୍ରଣ ହୋଇ କଲିକତାରୁ ବାହାରୁ ଥିଲା ପରେ ପରେ ନବରବି ଛପାଯାଇ ବାହାରୁଥିଲା। ଯହିଁରେ ବହୁ ମୁଦ୍ରାକର ଓଡ଼ିଆ କାର୍ଯ୍ୟ ପାଇଥିଲେ ଶାଶ୍ୱତ ମୁଦ୍ରଣୀ, ଅଙ୍ଗଲୋ ଓଡ଼ିଆ ପ୍ରେସ ପରି ଛାପାଖାନାରେ ଓଡ଼ିଆ କାମ କରୁଥିଲେ।

ବହୁ ଓଡ଼ିଆ ହୋଟେଲ ଓଡ଼ିଆ ରନ୍ଧନର ସ୍ୱାଦିଷ୍ଟ ଖାଦ୍ୟ ଓଡ଼ିଆ ରୋଷେୟା ପ୍ରସ୍ତୁତ କରୁଥିଲେ। ଏ ସମୟରେ ଧର୍ମତଲାର ଚାନ୍ଦିନୀ ଚୌକ ଅଞ୍ଚଳରେ ଅଛି କେଇ ପିଢ଼ିର ଓଡ଼ିଆ ହୋଟେଲ ମଡ଼ର୍ଣ୍ଣ ଇଟିଙ୍ଗ ହାଉସ, ଏଥିରେ ମାଲିକ ଓ ଅନେକ କର୍ମଚାରୀ ଓଡ଼ିଆ। ଏତେ ଓଡ଼ିଆ ଏବେଳରେ ଅଛନ୍ତି ଓଡ଼ିଆ ହାଇସ୍କୁଲ ଚାଲିଛି। ଜଗନ୍ନାଥ ମନ୍ଦିର ବିଭିନ୍ନ ଅଞ୍ଚଳରେ ରହିଛି ଯହିଁରେ ପ୍ରଥମରୁ ଓଡ଼ିଆ ପରମ୍ପରାରେ ଦେବ ସେବକ ଗଣ ପୁରୀ ଶ୍ରୀମନ୍ଦିର ପ୍ରଥାରେ ବହୁ କାଳରୁ କରି ଆସୁଛନ୍ତି। ଏ ସମୟରେ ଗୁଜୁରାଟର ସୁରତରେ ଅନେକ ଓଡ଼ିଶା ଲୋକ ଭଲ ଭଲ ରୋଜଗାରରେ ଅଛନ୍ତି ସମଗ୍ର ପୃଥିବୀରେ ଓଡ଼ିଶାର ଲୋକେ ବୃତ୍ତି ପାଇଁ ପହଞ୍ଚି ସାରିଛନ୍ତି। ହେଲେ ଏ ସମୟରେ ଯେତେଲୋକ ଅଛନ୍ତି ଯେତେ ଭିତ୍ତିଭୂମି ଅଛି ତାକୁ ଉଚିତ ମାର୍ଗରେ ବିନିଯୋଗକାରୀ ଆଗାମୀ ବର୍ଦ୍ଧିତ ଜନସଂଖ୍ୟା ପାଇଁ ପ୍ରସ୍ତୁତ ରହିବା ଦାୟିତ୍ୱ ଉଭୟ ଜନତା ଓ ସରକାରଙ୍କର ରହିବା ଜରୁରୀ। ଦାସତ୍ୱବୋଧ, ପରାଶ୍ରୟୀ ଭାବ, ଋଣ ବିମୁକ୍ତ ରହି କିପରି ଭଲକରି ଜୀବନଯାପନ ବିନା ଚାପ ଚୋରୀ ଠକେଇରୁ ମୁକ୍ତ ରହି ହୋଇ ହେବ ଏହା ସମୂହ ଉଦ୍ୟମ ହେବା ଆବଶ୍ୟକ। ଅନ୍ୟ ଦେଶ ଆମକୁ କେବେ ବି ନାଲ ଆଖି ବଣିକ ଦ୍ରବ୍ୟ ପାଇଁ ନ ଦେଖାଉ। ନିଜ ଦ୍ରବ୍ୟ ଉତ୍ପାଦନ ସବୁପ୍ରକାରରେ କରିବା ଉଦ୍ୟମ ଆରମ୍ଭ ହେଉ, ସଂକଳ୍ପ ହେଉ। ଆଜି ବଙ୍ଗ ରାଜ୍ୟରୁ ପଳାଇ ଆସି ବିଭିନ୍ନ ରାଜ୍ୟରେ ବିଭିନ୍ନ ସ୍ଥାନରେ ଥିବା ଲୋକଙ୍କୁ ତଡ଼ା ଯାଉଛି, ଯଦି ଏପରି ଅବସ୍ଥା ଭବିଷ୍ୟତକୁ ଆମ ଲୋକଙ୍କ ପାଇଁ ଲାଗୁହେବ ତେବେ ପରିସ୍ଥିତି ନିଶ୍ଚେ ଅସମ୍ଭାଳ ହେବ, ଏହାର ପରିସ୍ଥିତି ବୁଝି ନାନାଦି ପ୍ରଗତିଶୀଳ ଯୋଜନା ଏବେଠାରୁ ଆରମ୍ଭ କରାଯାଉ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର,
କଟକ, ଦୂରଭାଷ : ୯୪୩୭୧୦୩୧୨୫୩

# ଅଠର ନଳାର ପୋଲ

**ବିକ୍ରମ ମହାପାତ୍ର**

ଶ୍ରୀପୁରୁଷୋତ୍ତମ ଚେତନାର ଶ୍ରେଷ୍ଠ କେନ୍ଦ୍ରବିନ୍ଦୁ ହେଉଛନ୍ତି ଶ୍ରୀଜଗନ୍ନାଥ। ଯେପରି ଔଷଧ ମନୁଷ୍ୟ ଜୀବନ ଉପରେ ପ୍ରଭାବ ପକାଇଥାଏ, ସମାଜ, ସତସଙ୍ଗ ମଧ ପ୍ରଭାବ ପକାଇଥାଏ ଏବଂ ଶ୍ରୀଜଗନ୍ନାଥ ଦର୍ଶନ, ସଂସ୍କୃତି, ସାହିତ୍ୟ, ରୀତିନୀତି, ତଦନୁସାରେ ଅତ୍ୟଧିକ ବିସ୍ତୃତ ଭାବରେ ପ୍ରଭାବିତ କରିଥାଏ। ଶ୍ରୀଜଗନ୍ନାଥଙ୍କ ଚେତନା ପରିସରକୁ ଯିଏ ଥରେ ମାତ୍ର ସ୍ପର୍ଶ କରିଛି, 'ସେ ଦେବତ୍ୱ ଲାଭ କରିଛି ବୋଲି ଲୋକେ କହନ୍ତି; ଏହା କେବଳ ଭାବ ଓ ଭକ୍ତି ଦ୍ୱାରା ସମ୍ଭବ ହୋଇପାରେ। ଶାସ୍ତ୍ର କହେ, 'ନ ଦେବ ବିଦ୍ୟତେ କାଷ୍ଠେ ନ ପାଷାଣେ ନ ମୃଣ୍ମୟେ, ଭାବେ ତିଷ୍ଠନ୍ତି ଦେବତାଃ ତସ୍ମାତ୍ ଭାବୋହି କେବଳମ୍;'

ଶ୍ରୀଜଗନ୍ନାଥଙ୍କ ସ୍ପର୍ଶ ଶିଳା ହୁଏ ଶାଳଗ୍ରାମ, ଦାରୁ ହୁଏ ଦେବତା, ପତର ହୋଇଯାଏ ପଥର। ଅର୍ଥାତ୍ କୋମଳ ହୃଦୟ ପରିଣତ ହୁଏ ଶିଳାଶୈଳ ସଂଘାତ ସହାକାରୀ। ଯେଉଁ ରଥରେ ପ୍ରଭୁ ବିଜେ କରନ୍ତି ସେ ଦେବୋପତ, ଯେଉଁ ପଥ (ବଡ଼ଦାଣ୍ଡ)ରେ ପ୍ରଭୁଙ୍କର ରଥ ଗଡ଼ିଯାଏ, ସେ ହୁଏ ମୁକ୍ତିପଥ, ସେବା ଓ ସେବକଙ୍କର ମିଳନ ପୀଠ। ସ୍ନେହ, ସୌହାର୍ଦ୍ଦ୍ୟର ବିପଣୀ। ଶ୍ରୀଜଗନ୍ନାଥ ଧର୍ମର ମହତ୍ତ୍ୱ ପ୍ରଖ୍ୟାପନ କରି କୁହାଯାଇଛି ଏହି ଧର୍ମ ହେଉଛି ସନାତନ ଧର୍ମ, ଏହାର ପୁଣ୍ୟକ୍ଷେତ୍ର ହେଉଛି ଶ୍ରୀପୁରୁଷୋତ୍ତମ, ଦେବତା ହେଉଛନ୍ତି ଶ୍ରୀଜଗନ୍ନାଥ, ମାଳା ହରିନାମ, ତୀର୍ଥ ତୀର୍ଥରାଜ ସମୁଦ୍ର, ଧ୍ୟାନ ପରମବ୍ରହ୍ମ, ଜ୍ଞାନ ଓ ଆତ୍ମଜ୍ଞାନ, ଭକ୍ତିର ନାମ ସ୍ମରଣ ମଣୋହୀ ନିର୍ମାଲ୍ୟ, ବିବହାର ହେଉଛି ବୈକୁଣ୍ଠ। ଏହି ଧର୍ମର ସମଦର୍ଶୀ ବ୍ରହ୍ମ ଭାବୁର ପ୍ରତୀୟମାନ ହୁଏ ଯେ ଏହା ସନାତନ ବିଶ୍ୱଧର୍ମ। ଏ ସହର ସହ କେବଳ ଶ୍ରୀକ୍ଷେତ୍ରବାସୀ ନୁହନ୍ତି, ଓଡ଼ିଶାର ପ୍ରତ୍ୟେକ କୋଣ ଅନୁକୋଣରେ ବସବାସ କରୁଥିବା ଓଡ଼ିଆଙ୍କ ଭାଗବତ ସମ୍ପର୍କ ରହିଛି।

ପୁରୀ ସହର ପ୍ରବେଶପଥରେ ରହିଛି ଅଠରନଳା ପୋଲ । ଏହି ପୋଲରେ ରହିଛି ୧୮ଟି ନଳା । ୧୮ ସଂଖ୍ୟାକୁ ତାନ୍ତ୍ରିକମାନେ ଅଧିକ ଗୁରୁତ୍ୱ ଦେଉଥିବାରୁ ପୋଲକୁ ନେଇ ଆଉ କିଛି କାହାଣୀ ରହିଥାଇପାରେ ବୋଲି ଅନେକ ଅନୁମାନ କରୁଛନ୍ତି । ତେବେ ମାଦଳାପାଞ୍ଜି ଅନୁଯାୟୀ ୯ମରୁ ୧୦ମ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହି ଅଠରନଳା ପୋଲ ନିର୍ମାଣ ହୋଇଥିଲା। ସହର ଉପକଣ୍ଠରେ ଥିବା ଏକ ନଦୀ ଯାହାର ନାମ ମଧୁପୁର ନଦୀ, ହଳୁହଳିଆ ନଦୀ ଅବା ମଙ୍ଗଳା ନଈ - କୂଳରେ ପହଞ୍ଚିବା ପରେ ତାହା ଡଙ୍ଗା ବା ଭେଳାରେ ପାରି ହୋଇ ଯାତ୍ରୀମାନେ ପୁରୀରେ ପ୍ରବେଶ କରୁଥିଲେ। ଶ୍ରୀକ୍ଷେତ୍ର ସହ ଉତ୍କଳ ଅବା ଭାରତବର୍ଷକୁ ଯୋଡ଼ିବା ପାଇଁ ସେତେବେଳେ ଏକମାତ୍ର ସଡ଼କପଥ ଭାବେ ଏହାକୁ ନିର୍ମାଣ କରାଯାଇଥିଲା । ଶ୍ରୀକ୍ଷେତ୍ରକୁ ଆସିବା ପାଇଁ ଏହି ପୋଲଟି ଏକମାତ୍ର ମାଧ୍ୟମ ଥିଲା । ଚୂନ ଏବଂ ଗୁଡ଼ ଦ୍ୱାରା ଅଠରନଳା ପୋଲ ନିର୍ମାଣ କାର୍ଯ୍ୟ କରାଯାଇଥିବା ବେଳେ ଏହା ୧୧୦୦ ବର୍ଷ ଧରି ରହିବା ସହ ଏହା ଉପରେ ପ୍ରତ୍ୟେକ ଦିନ ପୁରୀ ସହରକୁ ବହୁ ସଂଖ୍ୟାରେ ଭରିଯାନ ଚଳାଚଳ କରିବା ଆଶ୍ଚର୍ଯ୍ୟର କଥା । ପୋଲଟିର କାରୁକାର୍ଯ୍ୟ ପର୍ଯ୍ୟଟକଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ବାସିନ୍ଦାଙ୍କୁ ଏହା ବେଶ୍ ଆକୃଷ୍ଟ କରିଥାଏ । ଏ ନେଇ ଜଗନ୍ନାଥ ସଂସ୍କୃତି ଗବେଷକ ତଥା ଶ୍ରୀମନ୍ଦିର ପୁରୋହିତ ସିଦ୍ଧେଶ୍ୱର ମହାପାତ୍ର କୁହନ୍ତି, '୧୮ ସଂଖ୍ୟା ସହ ଏହି ଐତିହାସିକ ପୋଲର କୌଣସି ସମ୍ବନ୍ଧ ରହିଥିବା କିଛି ଲିଖିତ ପ୍ରମାଣ ନାହିଁ ।

କିନ୍ତୁ ଏହା ପଛରେ ଏକ ବଡ଼ କାହାଣୀ ରହିଛି । ଅଠରନଳା ବିଶିଷ୍ଟ ଆଉ ୨ଟି ପୋଲ ମଧ ରହିଛି । ଯାଜପୁରର ମନ୍ଦାକିନୀ ନଦୀ ଉପରେ ଗୋଟିଏ ରହିଥିବା ବେଳେ ଅନ୍ୟଟି ଖୋର୍ଦ୍ଧା ଜିଲ୍ଲା ଗାଙ୍ଗୁଆ ନଦୀ ଉପରେ ଅଠରନଳା ବିଶିଷ୍ଟ ପୋଲ ରହିଛି । ଏଣୁ ୧୮ ସଂଖ୍ୟାର ଗୁରୁତ୍ୱ ରହିଥିବା ଅନୁମାନ କରାଯାଏ । ଏହା ସହିତ ଜଡ଼ିତ ଅନ୍ୟ ଏକ କିମ୍ବଦନ୍ତୀ ରହିଛି । ପୂର୍ବ କାଳରେ ୧୮ଟି ସନ୍ତାନ ଜନ୍ମ ଦେଉଥିବା ମହିଳା ଏହି ପୋଲ ସହ ସଙ୍ଗାତ ବସୁଥିଲେ । ସଙ୍ଗାତ ବସିଲେ ପିଲାମାନଙ୍କ ସହ ପରିବାର ସୁଖରେ ରହୁଥିବା ବିଶ୍ୱାସ କରାଯାଏ । ପୋଲର ପ୍ରବେଶ ପଥରରେ ଏକ ଘାଟଘର ଥିଲା । ଏଠାରେ ପୁରୀକୁ ପ୍ରବେଶ କରୁଥିବା ଲୋକଙ୍କ ପରିଚୟ ରଖାଯାଉଥିଲା । ସେଠାରେ ଏକ ବଡ଼ କବାଟ (ବଡ଼ଦୁଆର) ରହିଥିଲା । ଏହି ବଡ଼ଦୁଆର ସର୍ବଦା ବନ୍ଦ ରହୁଥିଲା । ଆଗନ୍ତୁକଙ୍କ ପରିଚୟ ଓ ଆସିବାର ଅଭିପ୍ରାୟ ଲେଖାଯିବା ପରେ ଏହି ଦୁଆର ଖୋଲାଯାଉଥିଲା ।

ସେତେବେଳେ ଏତେ ଗାଡ଼ି ନଥିବାରୁ ଏହାକୁ ଖୋଲାବନ୍ଦ କରିବାରେ ଅସୁବିଧା ହେଉନଥିଲା । ପରେ ଗାଡ଼ିସଂଖ୍ୟା ବଢ଼ିବା ସହ ରାଜା ଶାସନ ଚାଲିଯିବାରୁ ଏହି ଦୁଆରକୁ ଉଠାଇ ଦିଆଗଲା । ଏହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ମାତ୍ର ଏଥିରେ କରାଯାଇଥିବା କଳାକୃତି ଏବେ ବି ଜୀବନ୍ତ ରହିଛି । ଏହି ପୋଲକୁ ସରକାର ଜାତୀୟ ସମ୍ପତ୍ତି ଭାବେ ଘୋଷଣା କରି ସୁରକ୍ଷା ଦେବାକୁ ଅଣ୍ଟା ଭିଡ଼ିଛନ୍ତି । ଏହି ଅଠରନଳା ପୋଲଟିକୁ ଦୀର୍ଘସ୍ଥାୟୀ କରିବାକୁ ଏହା ଉପରେ ଭାରିଯାନ ଚଳାଚଳ ବନ୍ଦ କରାଯାଇଛି । ଅଠରନଳାର ସୃଷ୍ଟି ସମ୍ବନ୍ଧରେ ଜଣାଯାଏ ଯେ ଉତ୍କଳର ମହାରାଜା ମତ୍ସ୍ୟ କେଶରୀ (ସମୟ ଖ୍ରୀ: ୯୭୫ ଠାରୁ ଖ୍ରୀ: ୯୯୫ ପର୍ଯ୍ୟନ୍ତ) ଏହାର ନିର୍ମାତା। ସେ ଏହି ପୋଲି ମଧୁପୁର ନଦୀ, ଯାହାର ଡାକନାମ ହୁଳୁହୁଲିଆ ବା ମଙ୍ଗଳା ନଈ, ଉପରେ ନିର୍ମାଣ କରାଇଥିଲେ। ଏହି ପୋଲରେ ଥିବା ଅଠରଟି ନଳା ବା ଫୁଙ୍କାରମାନଙ୍କରେ ଖିଲାଣ କାମ ନହୋଇ ପଥର ମାନଙ୍କ ଦ୍ୱାରା ଲହଠି ମୁଦ କରାଯାଇ ତିଆରି କରାଯାଇଥିଲା। ଓଡ଼ିଶାର ନିପୁଣ କାରିଗରମାନଙ୍କର ହସ୍ତକର୍ମ ଓ ଶିଳ୍ପକଳା ଯେ ସହସ୍ରାଧିକ ବର୍ଷ ଅତୁଟ ରହିପାରେ, ଅଠରନଳାର ତାହାର ମୂର୍ତ୍ତିମନ୍ତ ନିଦର୍ଶନ।

ଚଣ୍ଡୀମନ୍ଦିର ରାସ୍ତା, କଟକ-୧, ଦୂରଭାଷ :୯୪୩୭୦୨୧୬୧୫
E-mail : abhisekmohapatra1999@gamil.com

# ଏକାଧିକ ବ୍ୟାଙ୍କ ଆକାଉଣ୍ଟ ରହିଛି କି ?

**ଡକ୍ଟର ତପନ କୁମାର ପାଲ**

ମୋ କଲେଜ ପଢ଼ା ସମୟର ସାଙ୍ଗ 'ନରେନ୍ଦ୍ର' କଥା କହୁଛି। ତାହାର ଏକ ଭଲ ଅଭ୍ୟାସ ଥିଲା ଡାକଘର ବ୍ୟତୀତ ସେ ସମୟରେ ଯେତେ ସବୁ ଛୋଟବଡ଼ ବ୍ୟାଙ୍କ ଥିଲା, ସେ ପ୍ରାୟତଃ ଆଗ୍ରହର ସହିତ ସବୁ ବ୍ୟାଙ୍କରେ ନିଜର ଆକାଉଣ୍ଟ ଖୋଲୁଥିଲା। ଆମ ସମୟରେ ବ୍ୟାଙ୍କ ପାସବୁକ ଖୋଲିବା ପାଇଁ ଏତେ ଜଟିଳ ପ୍ରକ୍ରିୟା ନଥିଲା। କଲେଜ ଆଇଡିଏଣ୍ଟି କାର୍ଡ଼ ଥିଲା ପରିଚୟ ପତ୍ର ଆଉ ପଚାଶ ଟଙ୍କା ରଖିଲେ ମଧ ସର୍ବନିମ୍ନ ଭାବରେ ବ୍ୟାଙ୍କରେ ଖାତା ଖୋଲି ହେବା ସମ୍ଭବପର ଥିଲା। ବର୍ତ୍ତମାନ କିନ୍ତୁ ରିଜର୍ଭ ବ୍ୟାଙ୍କର ଗାଇଡ଼ ଲାଇନ ଅନୁଯାୟୀ ଏକ ଜାତୀୟ କରଣ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ପାଇଁ ଅନେକ ସର୍ତ୍ତାବଳୀ ଓ ଜରୁରୀ କାଗଜପତ୍ରର ଆବଶ୍ୟକତା ରହିଛି। ତେବେ ମୋର ଆଜିର ଆଲୋଚନାଟି ହେଉଛି ଜଣେ ଭିନ୍ନ ଭିନ୍ନ ବ୍ୟାଙ୍କରେ ନିଜ ଆକାଉଣ୍ଟ ଖୋଲିବା କେତେ ଭଲ ? କେତେ ମନ୍ଦ ?

ଅର୍ଥବିଶେଷଜ୍ଞମାନେ ଗୋଟିଏ ସୁନ୍ଦର ପରାମର୍ଶ ଦିଅନ୍ତି। ସେମାନେ ସବୁବେଳେ ଗୋଟିଏ କଥା କୁହନ୍ତି ଯେ ଜଣେ ନିଜର ସମସ୍ତ ପୁଞ୍ଜି ବା ସଞ୍ଚୟ ଗୋଟିଏ ସ୍ଥାନରେ ଏକତ୍ର ନରଖୁ। ଦିନ ଥିଲା ଲୋକମାନେ ବ୍ୟାଙ୍କରେ ଆକାଉଣ୍ଟ ଖୋଲୁଥିଲେ ତାହା ପୁଣି ସେମାନଙ୍କର ବିଶ୍ୱାସ ଓ ଭରଷା ତଥା ଆଖପାଖର ଯୋଗାଯୋଗ ବ୍ୟବସ୍ଥାକୁ ଦେଖି ହେଲେ ବର୍ତ୍ତମାନ ଆଉ ସେ ସମୟ ନାହିଁ। ଅଧିକାଂଶ ଲୋକଙ୍କ ଭିନ୍ନ ଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ରହିଛି। ତେବେ ଏକାଧିକ ଆକାଉଣ୍ଟ ବ୍ୟବସ୍ଥା ବା ବିଭିନ୍ନ ବ୍ୟାଙ୍କରେ ପାସବୁକ ଖୋଲିବା ସହଜ ଓ ଲାଭଦାୟକ ଦିଗ ସମ୍ପର୍କରେ କିଛି ଲେଖୁଛୁ। ପ୍ରଥମତଃ ଜଣେ ଭିନ୍ନ ଭିନ୍ନ ବ୍ୟାଙ୍କରେ ସେଭିଂସ ଆକାଉଣ୍ଟ ଖୋଲିଲେ ଟଙ୍କାର ଉଚିତ ଓ ଯଥାର୍ଥ ଉପଯୋଗ ହୋଇପାରିବ। ଧରନ୍ତୁ ଜଣେ ତାଙ୍କ ଆୟର ନିର୍ଦ୍ଦିଷ୍ଟ ଭାଗ ସଉଦା କିଣା ଠାରୁ ଘରଭଡ଼ା ଏପରିକି ଦୈନନ୍ଦିନ ଖର୍ଚ୍ଚର କାରବାର ପାଇଁ ଗୋଟିଏ ଜମା ଖାତା ବ୍ୟବହାର କରିପାରିବେ। ଅନ୍ୟ ବ୍ୟାଙ୍କର ଆକାଉଣ୍ଟ ଆପଣଙ୍କର କେବଳ ସଞ୍ଚୟ ପାଇଁ ବ୍ୟବସ୍ଥା କରନ୍ତୁ ଯାହାଦ୍ୱାରା ଜଣେ ବେଶ ଭଲ ଭାବେ ବୁଝି ପାରିବ ଏବଂ ଟଙ୍କାକୁ ମଧ ମାପି ପାରିବ ଯେ ବାସ୍ତବରେ ତାଙ୍କର କେତେ ଖର୍ଚ୍ଚ ହେଉଛି ? ତା ଭିତରୁ ବଦ୍ ଖର୍ଚ୍ଚ କେତେ ?

ତେଲ ଲୁଣ ଗୁଜୁରାଣ ଭିତରେ ଅନେକଙ୍କର ଅନେକ ସମୟରେ ଜରୁରୀ ଅର୍ଥ ଦରକାର ପଡ଼ିଥାଏ। ଦୁର୍ଘଟଣା ହେଉ ବା ଆକସ୍ମିକ ଖର୍ଚ୍ଚ। ଭୋଜିଭାତ ହେଉ ବା ପର୍ବପର୍ବାଣୀ, ଏ ସବୁ ଅପ୍ରତ୍ୟାସିତ ଖର୍ଚ୍ଚ ପାଇଁ ବିଭିନ୍ନ ଆକାଉଣ୍ଟରେ ଥିବା ସଞ୍ଚୟ ଅର୍ଥ ଜରୁରୀ କାଳୀନ ପାଣ୍ଠି ସୁରକ୍ଷା କବଚ ପରି କାମ କରେ। ଏହା ଆପଣଙ୍କର ଜରୁରୀ କାଳୀନ ଖର୍ଚ୍ଚକୁ ସମ୍ଭାଳି ପାରିଥାଏ କାରଣ ଏକ ପୃଥକ ଆକାଉଣ୍ଟରେ ଅର୍ଥ ରହିବା ଦ୍ୱାରା ଜଣେ ତାଙ୍କର ଯାବତୀୟ ଅନାବଶ୍ୟକ ଖର୍ଚ୍ଚକୁ କମେଇବା ସମ୍ଭବପର ହୋଇଥାଏ। ସେହିପରି ଆଉ ଗୋଟିଏ ହୁଏତ ଛୋଟିଆ ଲାଭ ହୋଇପାରେ କିନ୍ତୁ ଏହା ହିଁ ଭିନ୍ନ ଆକାଉଣ୍ଟର ସଫଳତା କହିଲେ ଅତ୍ୟୁକ୍ତି ହେବନାହିଁ ତାହା ହେଉଛି ସୁଧ। ଭାରତରେ କିଛି ବ୍ୟାଙ୍କ ଜମାକାରୀଙ୍କୁ ଉଚ୍ଚ ହାରରେ ସୁଧ ପ୍ରଦାନ କରିଥାନ୍ତି ତେଣୁ ଜଣେ ଯଦି ନିର୍ଭରଯୋଗ୍ୟ ଓ ବିଶ୍ୱସ୍ତ ଉଚ୍ଚ ହାରର ସୁଧ ମିଳୁଥିବା ଆକାଉଣ୍ଟରେ ଅର୍ଥ ସଞ୍ଚୟ କରିଥାନ୍ତି ତାହାଲେ ସେଥିରୁ ଉଚ୍ଚହାରର ସୁଧ ମିଳିବାର ସମ୍ଭାବନା ରହିଥାଏ। ସେହିପରି ଅନ୍ୟ ଏକ ସୁବିଧାର ଦିଗଟି ହେଉଛି ବର୍ତ୍ତମାନ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଏକ ପ୍ରକାର ଡିଜିଟାଲ ବ୍ୟବସ୍ଥାରେ ପରିଚାଳିତ ହେଉଛି। ଡିଜିଟାଲ ଦେଣନେଣ ବ୍ୟବସ୍ଥା ବ୍ୟାଙ୍କ ଟେକ୍ନୋଲୋଜିର ଗତିକୁ ଦ୍ରୁତ ଗତିରେ ଆଗଉଛି। ବ୍ୟାଙ୍କିଙ୍ଗ ସମ୍ବନ୍ଧୀୟ ଅନେକ କାମ ଇଣ୍ଟରନେଟ ଦ୍ୱାରା ପରିଚାଳିତ ହୋଇଥାଏ। ତେବେ ଅନେକ ସମୟରେ ସର୍ଭର ସମ୍ବନ୍ଧୀୟ ସମସ୍ୟା ବା ଲିଙ୍କ ଫେଲ ହୋଇ ଘଣ୍ଟା ଘଣ୍ଟା ଏପରିକି ଦିନେ ଦୁଇଦିନ ପାଇଁ କାରବାର ଏକ ପ୍ରକାର ଅଚଳ କରିଦେଇଥାଏ। ଜଣେ ଆର୍ଥିକ କାରବାର ପାଇଁ ଏହି ସମୟରେ ବଡ଼ କଷ୍ଟ ଅନୁଭବ କରିଥାଏ କିନ୍ତୁ ଏକାଧିକ ଆକାଉଣ୍ଟ ଏହିପରି ସମୟରେ ଆପଣଙ୍କର ଅସୁବିଧାକୁ ସୁବିଧାଜନକ କରିପାରେ। କାରଣ ସବୁ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସମାନ ସମୟରେ ଟେକ୍ନୋଲୋଜି ବିଭ୍ରାଟ ବା ସର୍ଭର ସମସ୍ୟା ପ୍ରାୟତଃ ରହିନଥାଏ।

ହଁ, କେହି କେହି ଏକାଧିକ ଆକାଉଣ୍ଟ ଖୋଲିବା ପାଇଁ କ'ଣ କ'ଣ ସବୁ ଜରୁରୀ ଆବଶ୍ୟକତା ତାହା ଉପରେ ପ୍ରଶ୍ନ ପଚାରନ୍ତୁ। ତେବେ ଜଣଙ୍କର କୌଣସି ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କରେ ଆକାଉଣ୍ଟ ଥିଲେ ପରବର୍ତ୍ତୀ ସମୟରେ ଏକାଧିକ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ପାଇଁ ସେମିତି କିଛି ସର୍ତ୍ତାବଳୀ ବା ନିୟମାବଳୀ ନାହିଁ। ତେବେ ଆପଣ ଖୋଲୁଥିବା ଆକାଉଣ୍ଟର ସଂପୃକ୍ତ ବ୍ୟାଙ୍କ କିଛି ଛୋଟିଆ ନିୟମାବଳୀ ରଖିପାରିବେ। ଅଠର ବର୍ଷ ବୟସରେ ଜଣେ ପହଞ୍ଚିବା ପରେ ସାବାଳକ ଜଣେ ବ୍ୟାଙ୍କରେ ଆକାଉଣ୍ଟ ଖୋଲିପାରିବେ। ନାବାଳକ ହୋଇଥିଲେ ବାପା - ମାଆ କିମ୍ବା ଅଭିଭାବକ ଦ୍ୱାରା ଆକାଉଣ୍ଟରେ ଦେଣନେଣ ବ୍ୟବସ୍ଥା ସମ୍ଭବ ହୋଇଥାଏ। ଏକାଧିକ ବ୍ୟାଙ୍କ ଆକାଉଣ୍ଟ ଖୋଲିବାର ଅନ୍ୟତମ ଯୋଗ୍ୟତା ହେଉଛି ଆପଣ ଭାରତର ନାଗରିକ ହୋଇଥିବେ ବା ଜଣେ ପ୍ରବାସୀ ଭାରତୀୟ ହୋଇଥିବେ। ସେହିପରି ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ କେୱାଇସି ନିର୍ଦ୍ଦେଶାବଳୀକୁ ପାଳନ କରିବା ବିଧେୟ।

ଏକାଧିକ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ନେଇ ଅନେକ ପ୍ରଶ୍ନ ମୋତେ ଅନେକ ଲୋକ ପଚାରି ଥାନ୍ତି। କେତେଟା ବ୍ୟାଙ୍କରେ ଆପଣ ପାସବୁକ୍ ଖୋଲି ପାରୁଛନ୍ତି ତାହା ବଡ଼ କଥା ନୁହେଁ। ସବୁଠାରୁ ବଡ଼ କଥା ହେଉଛି ଆପଣ ଆପଣଙ୍କ ରୋଜଗାର ଓ ଖର୍ଚ୍ଚକୁ ଦେଖି ଏକ ବ୍ୟକ୍ତିଗତ ବଜେଟ ତିଆରି କରନ୍ତୁ। କେତେ ରୋଜଗାର ? କେତେ ଖର୍ଚ୍ଚ ? କେତେ ସଞ୍ଚୟ ? ଏସବୁକୁ ଭଲ ଭାବେ ଦୃଷ୍ଟିରେ ରଖି ଆକାଉଣ୍ଟ ଖୋଲିବା ପାଇଁ ମନ ଦିଅନ୍ତୁ। କାରଣ ଅନେକ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଦେଇ ଏଥିରେ କାରବାର ବ୍ୟବସ୍ଥା ଜାରି ନରଖିଲେ ପରବର୍ତ୍ତୀ ସମୟରେ ବ୍ୟାଙ୍କ ଆକାଉଣ୍ଟ ପରିଚାଳନା କରିବା ଅସୁବିଧା ଜନକ ହୋଇପାରେ। କେବଳ ସେତିକି ନୁହେଁ ଆପଣ ଯଦି ସେହି ଆକାଉଣ୍ଟରେ କୌଣସି କାରବାର ନକରନ୍ତି ତେବେ ବ୍ୟାଙ୍କ ତାର ନିର୍ଦ୍ଧାରିତ ସମୟରେ ରକ୍ଷଣାବେକ୍ଷଣ ଦେୟ, ସୁଧ ଓ ଅନ୍ୟାନ୍ୟ ଚାର୍ଜ ଆପଣଙ୍କ ପକେଟକୁ ବାଧି ପାରେ। ତେବେ ଏକାଧିକ ବ୍ୟାଙ୍କ ଆକାଉଣ୍ଟ ଖୋଲୁଥିଲେ ବ୍ୟାଙ୍କ ନିକଟରେ ଆପଣ ନିଜର ସମସ୍ତ ଜରୁରୀ ଓ ନିର୍ଭରଯୋଗ୍ୟ ସୂଚନା ପ୍ରଦାନ କରନ୍ତୁ। ଆପଣଙ୍କ ଆର୍ଥିକ କାରବାର ଯେପରି ବିବାଦୀୟ କିମ୍ବା ଆଇନଗତ ଜଟିଳତା କ୍ଷେତ୍ର ଭିତରେ ନଥାଏ ସେ ଦିଗ ପ୍ରତି ଭଲଭାବେ ଦେଖନ୍ତୁ। ବ୍ୟାଙ୍କରୁ ଯଦି ଲୋନ ଆଣୁଥାନ୍ତି ସେ କ୍ଷେତ୍ରରେ ସ୍ୱଚ୍ଛତା ରଖିବା ଜରୁରୀ। ଲୋନ ଆଣୁଥିଲେ ନିଜ ଖର୍ଚ୍ଚକୁ ଦେଖି ନିର୍ଦ୍ଧାରିତ ସମୟରେ ଋଣ ବା କିସ୍ତି ସୁଜିଦେବା ଖୁବ ଭଲ। ତେଣୁ କେତେଟା ବ୍ୟାଙ୍କରେ ଆପଣ ନିଜ ବଢ଼ିମା ଦେଖାଇ ଆକାଉଣ୍ଟ ଖୋଲି ପାରୁଛନ୍ତି ତାହା ବଡ଼କଥା ନୁହେଁ। ସର୍ବନିମ୍ନ ଭାବରେ ଏକାଧିକ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ନିଜର ଆର୍ଥିକ ସୁପରିଚାଳନା ସହ ଦେଣନେଣରେ କୌଣସି ଝାମେଲାର ଶିକାର ହୋଇନାହାଁନ୍ତି ତାହେଲେ ଭାବନ୍ତୁ ଆପଣ ଏକାଧିକ ଆକାଉଣ୍ଟ ଖୋଲି କିଛି ଭୁଲ କରିନାହାଁନ୍ତି।

**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ, ଦୂରଭାଷ : ୯୯୩୭୬୫୮୩୬୨ / ୭୭୮୭୯୭୬୩୩**



# ‘କକ୍ରୋଚ୍ ଜନତା ପାର୍ଟି’ ର ଏକ୍ସ ଆକାଉଣ୍ଟ ଭାରତରେ ବ୍ୟାନ୍

**ନୂଆଦିଲ୍ଲୀ,୨୧।୪(ଏଜେନ୍ସି):** ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ବୟାନରୁ ବିବାଦ ପରେ ଆରମ୍ଭ ହୋଇଥିଲା ‘କକ୍ରୋଚ୍ ଜନତା ପାର୍ଟି’ । ଗୁରୁବାର ଫଲୋଅର୍ସ ମାମଲାରେ ଏହା ବିଜେପିକୁ ମଧ ପଛରେ ପକାଇ ଦେଇଥିଲା । ଇନଷ୍ଟାଗ୍ରାମରେ ପାର୍ଟିର ପେଜ୍ ୧ କୋଟିରୁ ଅଧିକ ଫଲୋଅର୍ସ ଅଛନ୍ତି । ସେଭଳି ବିଜେପିର ୮୭ ଲକ୍ଷ ଫଲୋଅର୍ସ ଅଛନ୍ତି । ଏବେ ପାର୍ଟିର ଏକ୍ସ ଆକାଉଣ୍ଟ ଭାରତରେ ବ୍ୟାନ୍ ହୋଇଯାଇଛି । ତେବେ ସୂଚନା ଅନୁସାରେ, ପାର୍ଟିର ଇନଷ୍ଟାଗ୍ରାମ ପେଜ ଏବେ ବି ଦେଖାଯାଉଛି । ଏକ୍ସ ଆକାଉଣ୍ଟ ବନ୍ଦ ହେବାପରେ ଏହାର ଫାଉଣ୍ଡର ଅଭିଜିତ ଦିପକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ଯାହାର ଭୟ ଥିଲା ତାହା ହେଲା ଓ ତାଙ୍କ ପେଜକୁ ବ୍ୟାନ୍ କରି ଦିଆଗଲା । ସେ ଇନଷ୍ଟାଗ୍ରାମରେ ଏକ ଭିଡିଓ ପୋଷ୍ଟ କରି କହିଛନ୍ତି, ଯାହାର ଭୟ ଥିଲା ତାହା ହେଲା । ପୂର୍ବରୁ ସେ ଆମର ଆକାଉଣ୍ଟ ହ୍ୟାକ୍ କରିବାର ଚେଷ୍ଟା କରିଥିଲେ ଯେତେବେଳେ ଏହା ହେଲାନି ସେତେବେଳେ ସେମାନେ ଏହାକୁ ବ୍ୟାନ୍ କରିଦେଲେ । ଆମର ଏକ୍ସର ଅଫିସିଆଲ ଆକାଉଣ୍ଟ ବର୍ତ୍ତମାନ ଭାରତରେ ଦେଖିବାକୁ ମିଳୁନି । ସେ ଯୁବପୀଢିଙ୍କୁ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଅପିଲ୍ କରିଛନ୍ତି । ସେ କହିଛନ୍ତି, ମୁଁ ଚାହୁଁଛି ଆପଣମାନେ ସ୍ୱର ଉତ୍ତୋଳନ କରନ୍ତୁ, ଏହାକୁ କାହିଁକି ବ୍ୟାନ୍ କରାଗଲା । ଏହା ଉପରେ ଏଭଳି କ'ଣ ଲେଖାଥିଲା । ଆମେ କେବଳ ସରକାରଙ୍କୁ ଆକାଉଣ୍ଟବିଲିଟି୍ ମାଗୁଛୁ । ଆମେ କେଣସି ଭୁଲ ଜିନିଷ ଲେଖିନଥିଲୁ । ବଦଳରେ ଏଥିରେ ଆମର ଆକାଉଣ୍ଟ ଡିଆକ୍ଟିଭେଟ୍ କରି ଦିଆଯାଇଥିଲା । ଏହା କେଉଁଠିକାର ଡେମୋକ୍ରାସି । ମୁଁ ଚାହୁଁଛି ଆପଣ ସବୁ ଏ ପ୍ରଶ୍ନ ପଚାରନ୍ତୁ । ଏହି ମାମଲାରେ ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ସିଜେଆଇ ବେରୋଜଗାର ଯୁବପିଢିଙ୍କ ଉପରେ ଏକ ଟିପ୍ପଣୀ ଦେଇଥିଲେ । ସେ ଏକ ଆବେଦନ ଉପରେ ଶୁଣାଣି ବେଳେ କହିଥିଲେ କିଛି ଯୁବପିଢି ଅସରପାଙ୍କ ଭଳି, ଯାହାଙ୍କୁ ନା କେଣସି ରୋଜଗାର ମିଳେ, ନା କୌଣସି ପେଶାରେ ତାଙ୍କ ସ୍ଥାନ ନଥାଏ । ଏହା ଭିତରେ କିଛି ମିଡିଆ, ସୋସିଆଲ ମିଡିଆ ଏବଂ ଆରଟିଆଇ କର୍ମୀ ରହିଛନ୍ତି । ତାଙ୍କର ଏହି ବୟାନ ଖୁବ୍ ଚର୍ଚ୍ଚାରେ ଆସିଥିଲା । ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ । ତେବେ ସିଜେଆଇ ତା ପରଦିନ ଏକ ବୟାନ ଜାରି କରି କହିଥିଲେ, ଏହି କଥା କେବଳ ନକଲି ଡିଗ୍ରିଧାରୀଙ୍କ ପାଇଁ କହିଥିଲେ । ତାଙ୍କର ଉଦ୍ଦେଶ୍ୟ ଦେଶର ଯୁବପିଢିଙ୍କୁ ଆଘାତ ଦେବା ନୁହେଁ ।

# କେରଳରେ ବାଚସ୍ପତି ନିର୍ବାଚନ ଲଢିବ ବିଜେପି

**ନୂଆଦିଲ୍ଲୀ,୨୧।୪(ଏଜେନ୍ସି):** କେରଳ ବିଧାନସଭା ନିର୍ବାଚନରେ ବିଜେପି ପ୍ରଥମ ଥର ପାଇଁ ୩ ଟି ଆସନ ଜିତିଥିବାବେଳେ ଏଥର ବାଚସ୍ପତି ପଦ ପାଇଁ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି କେରଳ ବିଜେପି ସଭାପତି ରାଜୀବ ଚନ୍ଦ୍ରଶେଖର କହିଛନ୍ତି । ଦଳ ବିବି ଗୋପକୁମାରଙ୍କୁ ବାଚସ୍ପତି ନିର୍ବାଚନରେ ପ୍ରାର୍ଥୀ କରିବେ ବୋଲି ଜଣାପଡ଼ିଛି । ଗୋପକୁମାର କୋଲ୍ଲମ ଜିଲ୍ଲାର ଚଥାନ୍ନୁର ଆସନରୁ ନିର୍ବାଚିତ ହୋଇଛନ୍ତି । ବାଚସ୍ପତି ଆସନ ପାଇଁ ଶୁକ୍ରବାର ନିର୍ବାଚନ ଅନୁଷ୍ଠିତ ହେବ । କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ଏହି ପଦ ପାଇଁ ବରିଷ୍ଠ ନେତା ତିରୁଭାଞ୍ଚୁର ରାଧାକ୍ରିଷ୍ଣନଙ୍କୁ ପ୍ରାର୍ଥୀ ଭାବରେ ଘୋଷଣା କରିଥିବା ବେଳେ, ବିରୋଧୀ ଏଲଡିଏଫ୍ ଏପର୍ଯ୍ୟନ୍ତ ନିଜର ପ୍ରାର୍ଥୀ ଘୋଷଣା କରିନାହିଁ । ବିଜେପିର କେରଳର ତିନି ବିଧାୟକଙ୍କ ମଧ୍ୟରେ ଗୋପକୁମାର, ଭି ମୁରଲୀଧରନ୍ ଓ ନିଜେ ଚନ୍ଦ୍ରଶେଖର ଅଛନ୍ତି । ପ୍ରଥମ ଥର ବିଜେପିର ଜଣେ ପ୍ରାର୍ଥୀ ବାଚସ୍ପତି ନିର୍ବାଚନ ଲଢିବ ବୋଲି ଚନ୍ଦ୍ରଶେଖର କହିଛନ୍ତି । ବିଜେପି ବିଧାୟକମାନେ ଗୁରୁବାର ବିଧାନସଭାରେ ଶପଥ ନେଇଛନ୍ତି ।

# ଅଭିଷେକ ବାନାର୍ଜୀଙ୍କୁ କୋଲକାତା ହାଇକୋର୍ଟରୁ ଆଶ୍ୱସ୍ତି

**ନୂଆଦିଲ୍ଲୀ,୨୧।୪(ଏଜେନ୍ସି):** ନିର୍ବାଚନୀ ରାଲିରେ କେନ୍ଦ୍ରମନ୍ତ୍ରୀ ଅମିତ ଶାହଙ୍କ ଉପରେ ଆପତ୍ତିଜନକ ଟିପ୍ପଣୀ ଦେବା ପ୍ରସଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍ସି) ସାଂସଦ ଅଭିଷେକ ବାନାର୍ଜୀଙ୍କୁ କୋଲକାତା ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି । ବାନାର୍ଜୀଙ୍କ ଉପରେ କୌଣସି ପ୍ରକାରର ଜବରଦସ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରୁ ହାଇକୋର୍ଟ ପଶ୍ଚିମବଙ୍ଗ ପୁଲିସକୁ ବାରଣ କରିଛନ୍ତି । ବାନାର୍ଜୀଙ୍କୁ ଏହି ସୁରକ୍ଷା ଜୁଲାଇ ୩୧ ପର୍ଯ୍ୟନ୍ତ କିମ୍ବା ମାମଲାର ସମାଧାନ ନହେବା ପର୍ଯ୍ୟନ୍ତ ବଳବତ୍ତର ରହିବ । କୋର୍ଟ ଏହା ମଧ ନିର୍ଦ୍ଦେଶ ଦେଇଛନ୍ତି ଯେ ଆବେଦନକାରୀ ପୂର୍ବ ଅନୁମତି ବିନା ଯାତ୍ରା କରିପାରିବେ ନାହିଁ ଓ କୌଣସି ଗତିବିଧି ପୂର୍ବରୁ ତଦନ୍ତକାରୀ ଅଧିକାରୀଙ୍କୁ ୪୮ ଘଣ୍ଟା ପୂର୍ବରୁ ନୋଟିସ୍ ଦେବାକୁ ପଡିବ । ନିର୍ବାଚନ ରାଲିରେ ଅଭିଷେକ ବାନାର୍ଜୀ ଅମିତ ଶାହଙ୍କ ବିରୋଧରେ ଦେଇଥିବା ଉତ୍ତେଜକ ଭାଷଣକୁ ନେଇ ଗତ ସପ୍ତାହରେ ବିଧାନନଗର ସାଇବର କ୍ରାଇମ୍ ପୁଲିସ ଷ୍ଟେସନରେ ଏକ ଏତଲା ରୁଜୁ ହୋଇଥିଲା । ସାମାଜିକ କର୍ମକର୍ତ୍ତା ରାଜୀବ ସରକାର ମେ ୫ ତାରିଖରେ ଅଭିଯୋଗ କରିବା ପରେ ମେ ୧୫ ତାରିଖରେ ଏତଲା ରୁଜୁ ହୋଇଥିଲା । ଏହି ମାମଲାରେ ଜଷ୍ଟିସ୍ ସୌଗତ ଭଟ୍ଟାଚାର୍ଯ୍ୟ ମଧ୍ୟବର୍ତ୍ତୀକାଳୀନ ଆଦେଶ ଶୁଣାଇ କହିଛନ୍ତି, ଦାଖଲ ଓ କଥିତ ଅପରାଧର ପ୍ରକୃତିକୁ ବିଚାର କରି, କୋର୍ଟ ଜାଣିଛନ୍ତି ଯେ ଆବେଦନକାରୀଙ୍କୁ ହାଜତରେ ପଚରାଉଚରା ଆବଶ୍ୟକ ନୁହେଁ । ଏହାବ୍ୟତୀତ, ଆବେଦନକାରୀଙ୍କ ଅଧିକାର ବିଏନ୍ଏସ୍ଏସର ଧାରା ୩୫(୩) ଅନୁଯାୟୀ ସୁରକ୍ଷିତ । କୋର୍ଟ ପୁଲିସକୁ ଜୁଲାଇ ୩୧ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବାନାର୍ଜୀଙ୍କ ବିରୋଧରେ କୌଣସି ଜୋରଜବରଦସ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ନିର୍ବାଚନ ପ୍ରଚାର ବେଳେ ଏକ ରାଲିରେ ଅଭିଷେକ ବାନାର୍ଜୀ ଅମିତ ଶାହଙ୍କୁ ଚାଲେଞ୍ଜ କରି କହିଥିଲେ ଯେ, ମୁଁ ଅମିତ ଶାହଙ୍କୁ ଚାଲେଞ୍ଜ କରୁଛି । ଯଦି ଆପଣଙ୍କ ଭିତରେ ସାହସ ଅଛି ତେବେ ମେ ୪ ତାରିଖ ପର୍ଯ୍ୟନ୍ତ କୋଲକାତାରେ ରହିବେ ଦିନ ୧୨ଟା ପରେ ଦେଖାହେବ । ଆପଣ କେତେ ବଡ଼ ଗୁଣ୍ଡା ୪ ତାରିଖକୁ ଜଣାପଡ଼ିଯିବ । ଖେଳ ତୁମେ ଆରମ୍ଭ କରିଛ, ଟିଏମ୍ସି ଶେଷ କରିବ । ୪ ତାରିଖ ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ଅଭିଷେକ ବାନାର୍ଜୀଙ୍କ ଏହି ବୟାନ ସାମାଜିକ ଗଣମାଧମରେ ଭାଇରାଲ ହୋଇଥିଲା । ଏହାପରେ ବିଧାନନଗର ସାଇବର କ୍ରାଇମ ଥାନା ପୁଲିସ ରାଜୀବ ସରକାରଙ୍କ ଅଭିଯୋଗ ଆଧାରରେ ଅଭିଷେକ ବାନାର୍ଜୀ ବିରୋଧରେ ଏତଲା ରୁଜୁ କରିଥିଲା । ଏତଲା ରୁଜୁ ହେବା ପରେ ଅଭିଷେକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।



# ଦିଲ୍ଲୀ ବିମାନବନ୍ଦରରେ ସତର୍କତା
## ବିଦେଶରୁ ଆସୁଥିବା ଯାତ୍ରୀମାନଙ୍କ ପାଇଁ କଠୋର ନିର୍ଦ୍ଦେଶାବଳୀ

**ନୂଆଦିଲ୍ଲୀ,୨୧।୪(ଏଜେନ୍ସି):** ଇବୋଲା ଭାଇରସ ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍ଓ) ଏହାକୁ ବିଶ୍ୱର ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛି । ଏହା ଦ୍ୱାରା ଆଫ୍ରିକା ମହାଦେଶ ସବୁଠାରୁ ଗୁରୁତର ଭାବେ ପ୍ରଭାବିତ ହୋଇଛି । ଆଶ୍ୱସ୍ତିର ବିଷୟ ଯେ, ଭାରତରେ ଏପର୍ଯ୍ୟନ୍ତ ଇବୋଲା ଭାଇରସର ଗୋଟିଏ ବି ମାମଲା ରିପୋର୍ଟ ହୋଇନାହିଁ । ତେବେ ସତର୍କତା ସ୍ୱରୂପ, ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ (ଆଇଜିଆଇ) ବିମାନବନ୍ଦର ପକ୍ଷରୁ କେତେକ ଦେଶରୁ ଆସୁଥିବା ଯାତ୍ରୀଙ୍କ କଟକଣା ଜାରି କରାଯାଇଛି । ସଂକ୍ରମଣ ଦ୍ରୁତ ବେଗରେ ବ୍ୟାପିଥିବା ଦକ୍ଷିଣ ସୁଦାନ ଏବଂ ଉଗାଣ୍ଡାରୁ ଆସୁଥିବା ଯାତ୍ରୀମାନଙ୍କ ପାଇଁ କଠୋର ନିର୍ଦ୍ଦେଶାବଳୀ ଏବଂ ଯାତ୍ରୀ ପରାମର୍ଶ ଜାରି କରିଛି । ଆଫ୍ରିକାର ପରିସ୍ଥିତି ଖରାପ ହେବା ଦେଖି, ଦିଲ୍ଲୀ ବିମାନବନ୍ଦର ବିଦେଶରୁ ଆସୁଥିବା ଯାତ୍ରୀମାନଙ୍କର ଥର୍ମାଲ୍ ସ୍କ୍ରିନିଂ ଏବଂ କଡ଼ା ନଜର ରଖିବା ଆରମ୍ଭ କରିଛି । ଯେହେତୁ ଅନେକ ଲୋକ ସଂକ୍ରମଣ ଏବଂ ଏହାର ବିପଦ ବିଷୟରେ ଅଜ୍ଞ, ତେଣୁ ବିମାନବନ୍ଦରରେ ସଚେତନତା ଏବଂ ସ୍କ୍ରିନିଂ ଉଭୟ ବୃଦ୍ଧି କରାଯାଇଛି । ଏଥିରେ ଆକ୍ରାନ୍ତ ଲୋକଙ୍କଠାରେ ଦେଖାଯାଉଥିବା ଲକ୍ଷଣଗୁଡ଼ିକ କରୋନା ଭାଇରସ ସହିତ ସମାନୟ ଆକ୍ରାନ୍ତ ହେଲେ ଜ୍ୱର, ଦୁର୍ବଳତା, ବାନ୍ତି, ମୁଣ୍ଡବିନ୍ଧା, ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇଥାଏ । ଲୋକେ ଏହାକୁ ସାଧାରଣ ଫ୍ଲୁ ବୋଲି ଭାବିଥାନ୍ତି । ପ୍ରଭାବିତ ଦେଶରୁ ଫେରିବାର ୨୧ ଦିନ ମଧ୍ୟରେ ଉପରୋକ୍ତ ଲକ୍ଷଣଗୁଡ଼ିକ ଅନୁଭବ କଲେ ଯାତ୍ରୀମାନଙ୍କୁ ତୁରନ୍ତ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇବାକୁ ଅନୁରୋଧ କରାଯାଇଛି । ଏହା ଦ୍ୱାରା ତୁରନ୍ତ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରି ସଂକ୍ରମଣକୁ ରୋକାଯାଇ ପାରିବ । ସମସ୍ତଙ୍କୁ ସଚେତନ ରହିବାକୁ ପଡ଼ିବ । ତେବେ ଯାଇ ସଂକ୍ରମଣକୁ ରୋକାଯାଇ ପାରିବ ।

# ନିଟ୍ ପେପର ଲିକ୍ ମାମଲା
## ବିଜେପି ମୁଖ୍ୟାଳୟ ଘେରାଉ କଲେ ହଜାର ହଜାର କଂଗ୍ରେସ କର୍ମୀ

**ନୂଆଦିଲ୍ଲୀ,୨୧।୪(ଏଜେନ୍ସି):** ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଥିବା ‘ନିଟ୍-୨୦୨୬’ ପରୀକ୍ଷା ପେପର ଲିକ୍ ମାମଲାକୁ ନେଇ ରାଜସ୍ଥାନର ରାଜଧାନୀ ଜୟପୁରରେ ଏକ ଭୟଙ୍କର ରାଜନୈତିକ ଉତ୍ତେଜନା ପ୍ରକାଶ ପାଇଛି । ଏହି ଦୁର୍ନୀତି ବିରୁଦ୍ଧରେ ପ୍ରତିବାଦର ସ୍ୱର ଉଠାଇବା ସହ ଶାସକ ବିଜେପି ବିରୋଧରେ କଂଗ୍ରେସ କର୍ମୀମାନେ ବ୍ୟାପକ ଭାବେ ରାସ୍ତାକୁ ଓହ୍ଲାଇଛନ୍ତି । ରାଜ୍ୟ କଂଗ୍ରେସ ସଭାପତି ଗୋବିନ୍ଦ ସିଂହ ଦୋତାସାରାଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ହଜାର ହଜାର ପ୍ରତିବାଦକାରୀ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟାଳୟରୁ ଏକ ବିଶାଳ ପଦଯାତ୍ରା ବାହାର କରି ସହିଦ ସ୍ମାରକୀ ଦେଇ ଭାରତୀୟ ଜନତା ପାର୍ଟିର ରାଜ୍ୟ ମୁଖ୍ୟାଳୟ ଅଭିମୁଖେ ଅଗ୍ରସର ହୋଇଥିଲେ । ପ୍ରତିବାଦକାରୀମାନେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ତୁରନ୍ତ ଇସ୍ତଫା ଦାବି କରିବା ସହ କେନ୍ଦ୍ର ସରକାରଙ୍କ ବିରୋଧରେ ଜୋରଦାର ସ୍ଲୋଗାନବାଜି କରି ବିଜେପି କାର୍ଯ୍ୟାଳୟକୁ ଚାରିପଟୁ ଘେରାବନ୍ଦୀ କରିଥିଲେ । ସ୍ଥିତି ଅନିୟନ୍ତ୍ରିତ ହେବାରୁ ପ୍ରଦର୍ଶନକାରୀଙ୍କୁ ରୋକିବା ପାଇଁ ପୋଲିସ ପକ୍ଷରୁ କଡ଼ା ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା । ମାତ୍ର ଉତ୍ୟକ୍ତ କଂଗ୍ରେସ କର୍ମୀମାନେ ପୋଲିସ ବ୍ୟାରିକେଡ୍ ଭାଙ୍ଗିବା ସହ ସେଠାରେ ଥିବା ପୋଲିସ ଗାଡ଼ିଗୁଡ଼ିକ ଉପରକୁ ଚଢ଼ିବାକୁ ଚେଷ୍ଟା କଲାବେଳେ ପୋଲିସ ବାଧ ହୋଇ ପାଣିମାଡ଼ କରିଥିଲା, ଯାହାଫଳରେ ସମଗ୍ର ଅଞ୍ଚଳ କିଛି ସମୟ ପାଇଁ ରଣକ୍ଷେତ୍ରରେ ପରିଣତ ହୋଇଥିଲା । ପ୍ରତିବାଦ ସମୟରେ ରାଜସ୍ଥାନ ବିଧାନସଭାର ବିରୋଧୀ ଦଳ ନେତା ଟିକାରାମ ଜୁଲି କେନ୍ଦ୍ର ସରକାର ଓ ତଦନ୍ତକାରୀ ସଂସ୍ଥାକୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି । ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ, ଏହି ବଡ଼ ଧରଣର ପେପର ଲିକ୍ ଦୁର୍ନୀତିରେ ବିଜେପିର ବଡ଼ ବଡ଼ ନେତାମାନେ ସ୍ପଷ୍ଟ ଭାବେ ସମ୍ପୃକ୍ତ ଅଛନ୍ତି ଏବଂ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମ୍ପୂର୍ଣ୍ଣ ଭାବେ ଦଣ୍ଡମୁକ୍ତ କରି ସୁରକ୍ଷା ଦିଆଯାଉଛି । ବର୍ତ୍ତମାନ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ‘ସିବିଆଇ’ ଧୀରେ ଧୀରେ ଏହି ସମ୍ବେଦନଶୀଳ ମାମଲାକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛି ବୋଲି ସେ ସଂଘାତିକ ଅଭିଯୋଗ ଆଣିଛନ୍ତି । ଜୁଲି ଆହୁରି ମଧ କହିଛନ୍ତି ଯେ, ଏହା କୌଣସି ପ୍ରଥମ ଘଟଣା ନୁହେଁ, ବରଂ ବିଗତ ତିନି ବର୍ଷରୁ ଅଧିକ ସମୟ ଧରି ଲଗାତାର ଭାବେ ପେପର ଲିକ୍ ହୋଇଚାଲିଛି । ଏହି ବ୍ୟବସ୍ଥାଗତ ବିଫଳତା ଯୋଗୁଁ ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯାଉଛି ଏବଂ ନିରାଶାରେ ପିଲାମାନେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଉଥିଲେ ମଧ ସରକାର କୌଣସି ସହାୟତା ପ୍ରଦାନ କରୁନାହାନ୍ତି । ତେଣୁ କଂଗ୍ରେସ ଦଳ ପକ୍ଷରୁ ସୁପ୍ରିମକୋର୍ଟର ଜଣେ ବରିଷ୍ଠ ବିଚାରପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମ୍ପୂର୍ଣ୍ଣ ଦୁର୍ନୀତିର ଏକ ନିରପେକ୍ଷ ଏବଂ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉ ବୋଲି ଦୃଢ଼ ଦାବି କରାଯାଇଛି ।



# ପଶ୍ଚିମବଙ୍ଗ ମଦ୍ରାସାରେ ‘ବନ୍ଦେ ମାତରମ୍’
## ଗାନ ବାଧ୍ୟତାମୂଳକ କଲେ ରାଜ୍ୟ ସରକାର

**ନୂଆଦିଲ୍ଲୀ,୨୧।୪(ଏଜେନ୍ସି):** ରାଜ୍ୟର ବିଜେପି ସରକାର ସମସ୍ତ ସ୍କୁଲରେ ଜାପଶ୍ଚିମବଙ୍ଗ ସରକାର ତୁରନ୍ତ ପ୍ରଭାବରୁ ସମସ୍ତ ମଦ୍ରାସାରେ ‘ବନ୍ଦେ ମାତରମ୍’ ଗାନକୁ ବାଧ୍ୟତାମୂଳକ କରିଛନ୍ତି । ସରକାର ଏନେଇ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ତୀୟ ଗୀତ ଗାନକୁ ବାଧ୍ୟତାମୂଳକ କରିବାର ପ୍ରାୟ ଗୋଟିଏ ସପ୍ତାହ ପରେ ମଦ୍ରାସା ଶିକ୍ଷା ନିର୍ଦ୍ଦେଶାଳୟ ଏହି ନିର୍ଦ୍ଦେଶ ଦେଇଛି । ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ଏହି ନିର୍ଦ୍ଦେଶ ସମସ୍ତ ସରକାରୀ ମଦ୍ରାସା, ସରକାରୀ ସହାୟତା ପ୍ରାପ୍ତ ମଦ୍ରାସା, ସ୍ୱୀକୃତିପ୍ରାପ୍ତ ଶିଶୁ ଶିକ୍ଷା କେନ୍ଦ୍ର ଓ ମାଧ୍ୟମିକ ଶିକ୍ଷାକେନ୍ଦ୍ର, ସଂଖ୍ୟାଲଘୁ ବ୍ୟାପାର ଓ ମଦ୍ରାସା ଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ସ୍ୱୀକୃତିପ୍ରାପ୍ତ ଅଣ-ସହାୟତାପ୍ରାପ୍ତ ମଦ୍ରାସାଗୁଡ଼ିକ ପାଇଁ ଲାଗୁ ହେବ । ପ୍ରତି ଅନୁଷ୍ଠାନରେ ଶ୍ରେଣୀ ଆରମ୍ଭ ହେବା ପୂର୍ବରୁ ହେଉଥିବା ପ୍ରାର୍ଥନାବେଳେ ଜାତୀୟ ଗୀତ ଗାନ କରିବା ବାଧ୍ୟତାମୂଳକ କରାଯାଇଛି । ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଏହି ନିଷ୍ପତ୍ତି ବିଭାଗ ଅଧୀନରେ ଥିବା ପ୍ରତିଷ୍ଠାନଗୁଡ଼ିକରେ ସମାନତା ଆଣିବା ପାଇଁ ନିଆଯାଇଛି ଓ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇଥିବା କୁହାଯାଇଛି । ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ମାଜିଷ୍ଟ୍ରେଟ, ଜିଲ୍ଲା ସ୍କୁଲ ନିରୀକ୍ଷକ, ପଶ୍ଚିମବଙ୍ଗ ମଦ୍ରାସା ଶିକ୍ଷା ବୋର୍ଡ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ବିଜ୍ଞପ୍ତି ପଠାଯାଇଥିଲା । ଗତ ସପ୍ତାହରେ ରାଜ୍ୟ ସରକାର ସମସ୍ତ ସରକାରୀ ଓ ସରକାରୀ ସହାୟତାପ୍ରାପ୍ତ ସ୍କୁଲରେ ‘ବନ୍ଦେ ମାତରମ୍’ ଗାନ କରିବା ବାଧ୍ୟତାମୂଳକ କରିଥିଲେ । ସ୍କୁଲ ଆରମ୍ଭ ସମୟରେ ଜାତୀୟ ଗୀତ ଗାନ କରିବା ଓ ପ୍ରତ୍ୟେକ ଛାତ୍ରଛାତ୍ରୀ ଯେପରି ଏଥିରେ ଅଂଶଗ୍ରହଣ କରିବେ ତାହା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶନାମାର କଡ଼ାକଡ଼ି ଅନୁପାଳନ ଯେପରି ହେବ ସେଥିପାଇଁ ଅନୁଷ୍ଠାନର ମୁଖ୍ୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।



# ଆଗାମୀ ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ
## ଆଶ୍ରମରେ ରହିବେ ପ୍ରଶାନ୍ତ କିଶୋର

**ନୂଆଦିଲ୍ଲୀ,୨୧।୪(ଏଜେନ୍ସି):** ବିହାର ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ପରେ, ପ୍ରଶାନ୍ତ କିଶୋର ଏବେ ଏକ ଆଶ୍ରମକୁ ଚାଲିଯାଇଛନ୍ତି । ବିହାରରେ ଏନଡିଏ ସରକାରଙ୍କ ଛଅ ମାସ ପୂରଣ ହେବା ପରେ, ଜନ ସୂରଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ ଘୋଷଣା କରିଛନ୍ତି ଯେ, ସେ ପାଟନାର ଉପକଣ୍ଠରେ ଥିବା ଏକ ଆଶ୍ରମକୁ ଯାଉଛନ୍ତି । ଆଗାମୀ ବିଧାନସଭା ନିର୍ବାଚନରେ ତାଙ୍କ ନୂତନ ଦଳ ନିଜର ସ୍ଥିତି ନପାଇବା ପର୍ଯ୍ୟନ୍ତ ସେ ସେଠାରୁ ତାଙ୍କର ରାଜନୈତିକ କାର୍ଯ୍ୟକଳାପ ଜାରି ରଖିବେ । ଦରଭଙ୍ଗାରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ, ୪୮ ବର୍ଷୀୟ ରାଜନୈତିକ ରଣନୀତିଜ୍ଞରୁ ରାଜନେତା ପାଲଟିଥିବା ପ୍ରଶାନ୍ତ କିଶୋର କହିଛନ୍ତି, ସେ ପାଟନାରେ ଥିବା ତାଙ୍କର ପୂର୍ବ ବାସସ୍ଥାନ ଛାଡିଛନ୍ତି । ଆଇଆଇଟି ପାଟନା ନିକଟରେ ଥିବା ‘ବିହାର ନବନିର୍ମାଣ ଆଶ୍ରମ’ରେ ଏଣିକି ସେ ବାସ କରିବେ । ବିହାରରେ ଆଗାମୀ ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ ସେଠାରେ ରହିବେ । ଆଇ-ପ୍ୟାକର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର (ପିକେ) ଦୁଇ ବର୍ଷ ପୂର୍ବେ ତାଙ୍କର ରାଜନୈତିକ ପରାମର୍ଶଦାତା ଚାକିରି ଛାଡି ୨୦୨୪ ମସିହାରେ ଜନ ସୂରଜ ପାର୍ଟି ଗଠନ କରିଥିଲେ । ଏପର୍ଯ୍ୟନ୍ତ ସେ ପାଟନା ବିମାନବନ୍ଦର ନିକଟରେ ଥିବା ଏକ ବଡ଼ ବଙ୍ଗଳା ଶେଖପୁରା ହାଉସରୁ ଦଳକୁ ପରିଚାଳନା କରୁଥିଲେ । ଏହା ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏବଂ ପୂର୍ବତନ ବିଜେପି ସାଂସଦ ଉଦୟ ସିଂହଙ୍କ ପରିବାରର ସମ୍ପତ୍ତି ।

# ତେଲ ପାଇଁ ଅନଲାଇନରେ ଖାଦ୍ୟ ବରାଦ ମହଙ୍ଗା ହେବ

**ନୂଆଦିଲ୍ଲୀ,୨୧।୪(ଏଜେନ୍ସି):** ଅନଲାଇନ୍ ପ୍ଲାଟଫର୍ମରୁ ଖାଦ୍ୟ ଓ ଅନ୍ୟାନ୍ୟ ଜିନିଷ ମଗାଇବା ଆହୁରି ମହଙ୍ଗା ହେବାକୁ ଯାଉଛି । ଆମେରିକା ଓ ଇରାନ ମଧ୍ୟରେ ଜାରି ରହିଥିବା ଉତ୍ତେଜନା ଓ ଅଶୋଧିତ ତୈଳର ବୃଦ୍ଧି ଯୋଗୁଁ ଦେଶରେ ପେଟ୍ରୋଲ୍ ଓ ଡିଜେଲ୍ ମୂଲ୍ୟ ପ୍ରତି ଲିଟରକୁ ୪ ଟଙ୍କା ପାଖାପାଖି ବୃଦ୍ଧି ପାଇଛି । ଏହା ସ୍ୱିଗି ଓ ଜୋମାଟୋ ଭଳି କମ୍ପାନିର ଖର୍ଚ୍ଚ ବୃଦ୍ଧି କରିଛି । ଏଲାଇରା କ୍ୟାପିଟାଲର ଏକ ରିପୋର୍ଟ ଅନୁଯାୟୀ ବର୍ଦ୍ଧିତ ଇନ୍ଧନ ମୂଲ୍ୟ ସିଧାସଳଖ କମ୍ପାନିଗୁଡ଼ିକର ମାର୍ଜିନକୁ ପ୍ରଭାବିତ କରୁଛି । କମ୍ପାନିଗୁଡ଼ିକ ଏହି ଅତିରିକ୍ତ ଖର୍ଚ୍ଚ ଗ୍ରାହକଙ୍କ ଉପରେ ଲଦିବା ଆଶଙ୍କା ରହିଛି । ଫଳସ୍ୱରୂପ ସେମାନେ ପ୍ରତ୍ୟେକ ଅର୍ଡର ପାଇଁ ଡେଲିଭରି ଚାର୍ଜ କିମ୍ବା ଅନ୍ୟାନ୍ୟ ଫି ବୃଦ୍ଧି କରିପାରନ୍ତି । ଜୋମାଟୋ ଓ ସ୍ୱିଗି ମାର୍ଚ୍ଚ ମାସରେ ହିଁ ପ୍ଲାଟଫର୍ମ ଫି ବୃଦ୍ଧି କରିଥିଲେ । ୨୦୨୩ ରୁ ୨୦୨୬ ମଧ୍ୟରେ ଜୋମାଟୋ ଓ ସ୍ୱିଗିରେ ପ୍ଲାଟଫର୍ମ ଫି ନଅ ଗୁଣ ବୃଦ୍ଧି ପାଇଛି । ଜୋମାଟୋ ଗତ ମାର୍ଚ୍ଚ ୨୦ରେ ଏହାର ପ୍ଲାଟଫର୍ମ ଫି ୨ ଟଙ୍କା ୪୦ ବୃଦ୍ଧି କରି ୧୪ ଟଙ୍କା ୯୦ ପଇସା କରିଛି । ଅନ୍ୟପକ୍ଷରେ ସ୍ୱିଗି ଗତ ମାର୍ଚ୍ଚ ୨୪ରୁ ପ୍ରତ୍ୟେକ ବରଦରେ ଏହାର ପ୍ଲାଟଫର୍ମ ଫି ୧୭% ବୃଦ୍ଧି କରିଛି । ପ୍ରତି ବରାଦ ପାଇଁ ୧୪ ଟଙ୍କା ବଦଳରେ ବ୍ୟବହାରକାରୀମାନେ ଏବେ ୧୭.୫୮ ଟଙ୍କା ଦେଉଛନ୍ତି । ରିପୋର୍ଟ ଅନୁସାରେ ତେଲ ଦରବୃଦ୍ଧି ପାଇଁ କ୍ୱିକ୍ କମର୍ସ କମ୍ପାନିଗୁଡ଼ିକର ବରାଦ ପିଛା ଖର୍ଚ୍ଚ ୧ ଟଙ୍କା ୨୦ ପଇସା ପର୍ଯ୍ୟନ୍ତ ବୃଦ୍ଧି ପାଇବ । ପ୍ରତି ବରାଦ ପିଛା କ୍ୱିକ୍ କମର୍ସ କମ୍ପାନିଗୁଡ଼ିକର ଖର୍ଚ୍ଚ ୩୫-୫୦ ଟଙ୍କା ମଧ୍ୟରେ ଓ ଭୋଜନ ପହଞ୍ଚାଉଥିବା କମ୍ପାନିଗୁଡ଼ିକର ଖର୍ଚ୍ଚ ୫୫-୬୦ ଟଙ୍କା ମଧ୍ୟରେ ରହୁଛି । ହାରାହାରି ଭାବେ ବରାଦ ପିଛା ଜୋମାଟୋର ଖର୍ଚ୍ଚ ୪୫ ଟଙ୍କା ଓ ସ୍ୱିଗିର ୫୫ ଟଙ୍କା ରହୁଛି । ହାରାହାରି ଭାବେ ମୋଟ୍ ଡେଲିଭରି ଖର୍ଚ୍ଚରେ ଇନ୍ଧନର ଭାଗ ୨୦ ପ୍ରତିଶତ ରହୁଛି । ସେହି ହିସାବରେ ବରାଦ ପିଛା ୯ରୁ ୧୦ ଟଙ୍କାର ତେଲ ପୋଡୁଛି । ନିକଟରେ ପେଟ୍ରୋଲ ଓ ଡିଜେଲ ଦରରେ ହୋଇଥିବା ୪ ଟଙ୍କାର ବୃଦ୍ଧି ପାଇଁ କମ୍ପାନିଗୁଡ଼ିକ ପ୍ରତି ବରାଦ ପିଛା ୪୪ ପଇସା କ୍ଷତି ସହୁଛନ୍ତି । ଯଦି ଆଗାମୀ ଦିନରେ ପେଟ୍ରୋଲ ଦାମ୍ ୧୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବ ତେବେ ପ୍ରତି ବରାଦ ପିଛା କ୍ଷତି ୧ ଟଙ୍କା ୨୦ ପଇସା ପର୍ଯ୍ୟନ୍ତ ପହଞ୍ଚିଯିବ । ସେଭଳି ମାମଲାରେ କମ୍ପାନିଗୁଡ଼ିକ ଗ୍ରାହକଙ୍କଠାରୁ ସେହି ଖର୍ଚ୍ଚ ଆଦାୟ କରିବାକୁ ଚାହିଁବେ ।

# ବିଶ୍ୱର ଶକ୍ତି ସଙ୍କଟର ସମାଧାନ କରିବ କାନାଡା

**ନୂଆଦିଲ୍ଲୀ,୨୧।୪(ଏଜେନ୍ସି):** ବିଶ୍ୱ ବର୍ତ୍ତମାନ ଅନେକ ପ୍ରମୁଖ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି, ଯେଉଁଥିରେ ଏକ ଗମ୍ଭୀର ଶକ୍ତି ସଙ୍କଟ, ବୃଦ୍ଧି ପାଉଥିବା ମୂଲ୍ୟ ଏବଂ ଜଳବାୟୁ ପରିବର୍ତ୍ତନ ଅନ୍ତର୍ଭୁକ୍ତ । ଏହି କଠିନ ପରିସ୍ଥିତିରେ, କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଏକ ଗୁରୁତ୍ୱପୂର୍ଣ୍ଣ ବିବୃତି ଦେଇଛନ୍ତି । ସେ କହିଛନ୍ତି ଯେ, କାନାଡା, ଏହାର ପ୍ରଚୁର ପ୍ରାକୃତିକ ସମ୍ପଦ ସହିତ, ବିଶ୍ୱ ଶକ୍ତି ଯୋଗାଣରେ ସକ୍ରିୟ ଭୂମିକା ଗ୍ରହଣ କରିପାରିବ । ମାର୍କ କାର୍ନି ଭ୍ୟାଙ୍କଭରରେ ଏକ ଗ୍ରେଟର ଭ୍ୟାଙ୍କଭର ବୋର୍ଡ ଅଫ୍ ଟ୍ରେଡ୍ କାର୍ଯ୍ୟକ୍ରମରେ ବ୍ୟବସାୟିକ ଗୋଷ୍ଠୀକୁ ଏହି ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି । କାର୍ନିଙ୍କ ଅନୁସାରେ, ସାମ୍ପ୍ରତିକ ବିଶ୍ୱ ସଙ୍କଟ ଅନେକ ଦେଶରେ ଶକ୍ତି ଉପଲବ୍ଧତାକୁ ଗୁରୁତର ଭାବରେ ପ୍ରଭାବିତ କରିଛି । ଭବିଷ୍ୟତରେ କାନାଡା ବିଶ୍ୱ ପାଇଁ ଏକ ଅତ୍ୟନ୍ତ ସ୍ଥିର ଏବଂ ନିର୍ଭରଯୋଗ୍ୟ ଶକ୍ତି ଅଂଶୀଦାର ଭାବରେ ଉଭା ହୋଇପାରିବ । ସେ ବ୍ରିଟିଶ କଲମ୍ବିଆ ପ୍ରିମିୟର ଡେଭିଡ୍ ଏବିଙ୍କୁ ଭେଟି ପାଇପଲାଇନ ପ୍ରକଳ୍ପଗୁଡ଼ିକ ଉପରେ ଦୀର୍ଘ ଆଲୋଚନା କରି ସଂଘୀୟ ସରକାର ପ୍ରକଳ୍ପ ଅନୁମୋଦନ ଏବଂ ସ୍ୱଚ୍ଛ ଶକ୍ତି ନୀତିରେ ଆବଶ୍ୟକ । ପରିବର୍ତ୍ତନ ଉପରେ ମଧ ଦ୍ରୁତ ଗତିରେ କାର୍ଯ୍ୟ କରୁଛନ୍ତ । ବ୍ରିଟିଶ କଲମ୍ବିଆ ପ୍ରିମିୟର ଡେଭିଡ୍ ଏବି ପ୍ରସ୍ତାବିତ ପାଇପଲାଇନ ପ୍ରକଳ୍ପଗୁଡ଼ିକୁ ଦୃଢ଼ ବିରୋଧ କରୁଛନ୍ତି । ତାଙ୍କର ପ୍ରମୁଖ ଚିନ୍ତା ମୁଖ୍ୟତଃ ପରିବେଶଗତ ପ୍ରଭାବ ଏବଂ ଆଦିବାସୀ ସମ୍ପ୍ରଦାୟର ଦୃଢ଼ ଆପତ୍ତିରୁ ସୃଷ୍ଟି ହୋଇଛି । ସେ କହିଛନ୍ତି ଯେ ଉତ୍ତର ତଟରୁ ତୈଳ ପରିବହନକୁ ଅନୁମତି ଦେବା ବିପଦପୂର୍ଣ୍ଣ ଏବଂ ଗ୍ରହଣୀୟ ନୁହେଁ । ମାର୍କ କାର୍ନି ସ୍ପଷ୍ଟ କରିଛନ୍ତି, ଯେକୌଣସି ନୂତନ ପାଇପଲାଇନ ପ୍ରକଳ୍ପ ଅନେକ ପ୍ରମୁଖ ସର୍ତ୍ତାବଳୀ ଉପରେ ନିର୍ଭର କରିବ । ଏଥିରେ କାର୍ବନ କ୍ୟାପଚର ସିଷ୍ଟମ ନିର୍ମାଣ ଏବଂ ପରିବେଶଗତ ନିର୍ଗମନରେ ଉଲ୍ଲେଖନୀୟ ହ୍ରାସ ଅନ୍ତର୍ଭୁକ୍ତ । ଆଦିବାସୀ ସମ୍ପ୍ରଦାୟ ସହିତ ସଠିକ୍ ଭାବରେ ପରାମର୍ଶ କରାଯିବା ଉଚିତ ଏବଂ ପ୍ରଦେଶକୁ ପ୍ରକଳ୍ପରୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଲାଭ ମଧ ମିଳିବା ଉଚିତ । କାର୍ନିଙ୍କ ମନ୍ତବ୍ୟ ଉପରେ ବିରୋଧୀଙ୍କ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି । କଞ୍ଜରଭେଟିବ୍ ନେତା ପିଏରେ ପୋଇଲିଭ୍ରେ ସଂଘୀୟ ସରକାରଙ୍କୁ ଏହି ପ୍ରସଙ୍ଗରେ ବହୁତ ମନ୍ଥର ବୋଲି ଅଭିଯୋଗ କରିଛନ୍ତି । ସେ ଶିଳ୍ପ କାର୍ବନ ଟିକସକୁ ଉଚ୍ଛେଦ କରି ଶକ୍ତି ପ୍ରକଳ୍ପଗୁଡ଼ିକୁ ଅଧିକ ଶୀଘ୍ର ଆଗକୁ ବଢାଇବାକୁ ଦାବି କରିଛନ୍ତି । ପୋଇଲିଭରେ ଜର୍ମାନୀର ଉଦାହରଣ ଦେଇଥିଲେ, ଯାହା ଏକ ଗୁରୁତର ଶକ୍ତି ସଙ୍କଟ ପରେ ଦ୍ରୁତ ଗତିରେ ଏହାର ନୂତନ ଏଲ୍ଏନ୍ଜି ସୁବିଧା ନିର୍ମାଣ କରିଥିଲାୟ ଏହି ଶକ୍ତି ସମସ୍ୟା କାନାଡାର ସଂଘୀୟ ଏବଂ ପ୍ରାଦେଶିକ ସରକାରଙ୍କ ମଧ୍ୟରେ ରାଜନୈତିକ ଉତ୍ତେଜନାକୁ ଯଥେଷ୍ଟ ବୃଦ୍ଧି କରିଛି । କାର୍ନି କାନାଡାକୁ ଏକ ପ୍ରମୁଖ ବିଶ୍ୱ ଶକ୍ତି ଯୋଗାଣ କେନ୍ଦ୍ର କରିବା ଉପରେ ଧ୍ୟାନ ଦେଉଛନ୍ତି, ଯେତେବେଳେ ବ୍ରିଟିଶ କଲମ୍ବିଆ ସରକାର ପରିବେଶ ସୁରକ୍ଷା ଏବଂ ସ୍ଥାନୀୟ ସ୍ୱାର୍ଥକୁ ପ୍ରାଥମିକତା ଦେଉଛନ୍ତି ।



# ମୋଦୀଙ୍କ ୫ ରାଷ୍ଟ୍ର ଗସ୍ତରୁ ୪୦ ବିଲିଅନ ଡଲାର ନିବେଶ ପ୍ରସ୍ତାବ

**ନୂଆଦିଲ୍ଲୀ,୨୧।୪(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଞ୍ଚ ରାଷ୍ଟ୍ର ଗସ୍ତରୁ ଭାରତ ବିଶେଷ ଭାବେ ଲାଭବାନ ହେବାକୁ ଯାଉଛି । ବହୁ ସଂଖ୍ୟାର ଅନ୍ତର୍ଜାତୀୟ କମ୍ପାନି ଭାରତରେ ନିବେଶ କରିବା ଓ ନିଜ ପ୍ରକଳ୍ପର ସମ୍ପ୍ରସାରଣ କରିବାକୁ କହିଛନ୍ତି । ଏହି ଗସ୍ତରୁ ଭାରତ ୪୦ ବିଲିଅନ ଡଲାର (୩,୮୪,୫୩୨ କୋଟି ଟଙ୍କା)ର ନିବେଶ ପ୍ରସ୍ତାବ ହାସଲ କରିଛି । ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ୫୦ରୁ ଅଧିକ କମ୍ପାନିର ସିଇଓମାନଙ୍କ ସହ ଆଲୋଚନା କରି ସେମିକଣ୍ଡକ୍ଟର, ଭିତ୍ତିଭୂମି, ପ୍ରତିରକ୍ଷା, ଶକ୍ତି ଓ ପ୍ରଯୁକ୍ତି କ୍ଷେତ୍ର ପାଇଁ ନିବେଶ ପ୍ରସ୍ତାବ ହାସଲ କରିଥିଲେ । ଅଧିକାଂଶ କମ୍ପାନି ଭାରତରେ କାରବାର କରୁଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ୟୁଏଇ, ନେଦରଲ୍ୟାଣ୍ଡ୍ସ, ସ୍ୱିଡେନ, ନରୱେ ଓ ଇଟାଲୀ ଗସ୍ତ କରିଥିଲେ । ଏହି ଅବସରରେ ବିଭିନ୍ନ ରାଜିନାମା ସ୍ୱାକ୍ଷର ହୋଇଥିଲା । ଭାରତରେ ୟୁଏଇ ୫ ବିଲିଅନ ଡଲାର ନିବେଶ କରିବାକୁ ପ୍ରତିବଦ୍ଧତା ଜଣାଇଛି । ଶକ୍ତି ଓ ଭିତ୍ତିଭୂମି କ୍ଷେତ୍ରରେ ଉଭୟ ଦେଶ ସହଯୋଗିତା ବାଢାଇବା ଘୋଷଣା କରିଥିଲେ । ସେମିକଣ୍ଡକ୍ଟର, କୃତ୍ରିମ ବୁଦ୍ଧିମତ୍ତା (ଏଆଇ), କ୍ୱାଣ୍ଟମ କମ୍ପ୍ୟୁଟିଂ, ଗ୍ରିନ ହାଇଡ୍ରୋଜନ ଓ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ସହଯୋଗିତା ବଢାଇବାକୁ ଭାରତ ଓ ନେଦରଲ୍ୟାଣ୍ଡ ସହମତ ହୋଇଥିଲେ । ଦୁଇ ଦେଶ ଭିତରେ ୧୭ଟି ରାଜିନାମା ସ୍ୱାକ୍ଷର ହୋଇଥିଲା । ଭାରତ ଓ ସ୍ୱିଡେନ ପ୍ରତିରକ୍ଷା, ବାଣିଜ୍ୟ ଓ ଜଳବାୟୁ ମୁକାବିଲା କ୍ଷେତ୍ରରେ ସହଯୋଗିତା ବାଢାଇବାକୁ ସହମତି ପ୍ରକାଶ କରିଥିଲେ । ସେହିପରି, ଭାରତ ଓ ଇଟାଲୀ ମଧ୍ୟରେ ପ୍ରତିରକ୍ଷା ବିନିର୍ମାଣ, ବିରଳ ମୃତ୍ତିକା, ଉଚ୍ଚ ଶିକ୍ଷା, ସାମୁଦ୍ରିକ ସହଯୋଗିତା, ଜଳବାୟୁ ଗବେଷଣା, ସ୍ୱାସ୍ଥ୍ୟସେବା ଓ ଆୟୁର୍ବେଦ ଉପରେ ରାଜିନାମା ସ୍ୱାକ୍ଷର ହୋଇଥିଲା ।

# ରାଘବ ଚଢ୍ଢାଙ୍କୁ ହାଇକୋର୍ଟ ଝଟକା

**ନୂଆଦିଲ୍ଲୀ,୨୧।୪(ଏଜେନ୍ସି):** ବିଜେପି ସାଂସଦ ରାଘବ ଚଢ୍ଢାଙ୍କୁ ଦିଲ୍ଲୀ ହାଇକୋର୍ଟଙ୍କ ଝଟକା । ପର୍ସନାଲିଟି ରାଇଟ୍ସ ଶୁଣାଣି ମାମଲାରେ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ଦେବାକୁ ମନା କରି ଦେଇଛନ୍ତି । କୋର୍ଟ ସ୍ପଷ୍ଟଭାବେ କହିଛନ୍ତି କି, ରାଜନେତିକ ବ୍ୟକ୍ତିଙ୍କ ଉପରେ ମନ୍ତବ୍ୟ, ବ୍ୟଙ୍ଗ କିମ୍ବା ସମାଲୋଚନା ଗଣତନ୍ତ୍ରର ଏକ ଅବିଚ୍ଛେଦ୍ୟ ଅଂଶ । ଜନତାମାନେ ନେତାଙ୍କୁ ସମାଲୋଚନା କରିପାରିବେ । କାହାକୁ ପସନ୍ଦ ନୁହେଁ ବା ଅସୁବିଧାରେ ପକାଇଲେ ଏହାକୁ ବନ୍ଦ କରାଯାଇପାରିବ ନାହିଁ । ରାଘବ ଆପ୍ ଛାଡ଼ି ବିଜେପିରେ ଯୋଗ ଦେବା ଦିନରୁ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡୁଛି । ତାଙ୍କର ଫଟୋକୁ ବ୍ୟଙ୍ଗାତ୍ମକ ଢ଼ଙ୍ଗରେ ପ୍ରକାଶ କରାଯାଉଥିବାବେଳେ ଟ୍ରୋଲ ମଧ କରାଯାଉଛି । ଯାହାକୁ ନେଇ ସେ ହାଇକୋର୍ଟରେ ପହଞ୍ଚିଥିଲେ । ସେ ଅଭିଯୋଗ କହିଥିଲେ କି, ତାଙ୍କ ଫଟୋ, ନାମ ଏବଂ ପରିଚୟର ଅପବ୍ୟବହାର କରାଯାଉଛି । ରାଜନୈତିକ ଦଳ ପରିବର୍ତ୍ତନ କରିବା ଦିନଠାରୁ ରୀତିମତ ଭାବରେ ତାଙ୍କୁ ଏଭଳି ଟ୍ରୋଲ କରାଯାଉଛି । ଯାହାଦ୍ୱାରା ମୋର ଭାବମୂର୍ତ୍ତି କ୍ଷୁର୍ଣ୍ଣ ହୋଇଥିବା ସେ ପ୍ରକାଶ କରିଛନ୍ତି । ତେବେ ଏହାକୁ ନେଇ ଦିଲ୍ଲୀ ହାଇକୋର୍ଟ କହିଛନ୍ତି କି, ରାଜନେତିକ ବ୍ୟକ୍ତିଙ୍କ ଦ୍ୱାରା ନିଆଯାଉଥିବା ନିଷ୍ପତ୍ତିର ସମାଲୋଚନା ହେବା ସ୍ୱାଭାବିକ । ସେ ଏକ ସାର୍ବଜନିନ ସ୍ଥାନରେ ରହିଥିବାରୁ ସମାଲୋଚନା କରାଯାଏ । ଯଦି ଆପଣଙ୍କର କୌଣସି ଭାବମୂର୍ତ୍ତି କ୍ଷୁର୍ଣ୍ଣ ହୁଏ ତାହେଲେ ମାନହାନୀ ମକଦ୍ଦମା କରିପାରିବେ । ଏହାସହ ଉଦାହରଣ ଦେଇ କହିଛନ୍ତି କି, ସ୍ୱାଧିନତା ପରଠାରୁ ଏଭଳି ରାଜନେତାଙ୍କୁ ନେଇ ବ୍ୟଙ୍ଗ ଏବଂ କବିତାରେ ମଧ ସମାଲୋଚନା କରାଯାଉଛି । ଏବେ ସୋସିଆଲ ମିଡିଆ ରହିଥିବାବେଳେ ଏହା ମାଧ୍ୟମ ପାଲଟିଛି । ସେପଟେ ରାଘବ ଚଢ୍ଢା ଆପ୍ ଛାଡ଼ି ବିଜେପିରେ ଯୋଗ ଦେବା ଦିନଠାରୁ ଲଗାତାର ସମାଲୋଚନାର ଶିକାର ହୋଇ ଆସୁଛନ୍ତି । ତାଙ୍କର ଫଟୋ ଏବଂ ଭିଡିଓରେ ୟୁଜର୍ସମାନେ ବିଭିନ୍ନ କମେଣ୍ଟମାନ ଦେଉଛନ୍ତି । ଏହାସହ ବହୁ ରାଜନେତା ଅଭିଯୋଗ କରିଛନ୍ତି କି, ସେ ଟଙ୍କା ପାଇଁ ଆପ୍ ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି ।





# କ୍ଲାସିକ ଲିଜେଣ୍ଡସ ପକ୍ଷରୁ ୯ ଦିନିଆ 'ଲେଜେଣ୍ଡସ୍ କେୟାର କ୍ୟାମ୍ପ' ଆରମ୍ଭ

**ଭୁବନେଶ୍ୱର, ୨୧।୫ (ନି.ପ୍ର) :** କ୍ଲାସିକ ଲିଜେଣ୍ଡସ ଏହାର ଅନୁମୋଦିତ ଜାୱା, ୟେଜ୍‌ଦି ଓ ବିଏସଏ ଡିଲରଶିପ୍ ନେଟୱାର୍କରେ ମେ ୨୩ ରୁ ମେ ୩୧, ୨୦୨୬ ପର୍ଯ୍ୟନ୍ତ ଦେଶବ୍ୟାପୀ ୯ ଦିନିଆ 'ଲେଜେଣ୍ଡସ୍ କେୟାର କ୍ୟାମ୍ପ' ଆୟୋଜନ କରିବାକୁ ଘୋଷଣା କରିଛି। ଏହି ପଦକ୍ଷେପ ମାଧ୍ୟମରେ କମ୍ପାନୀ ଗ୍ରାହକ ସନ୍ତୁଷ୍ଟି ଓ ଆଫ୍ଟର-ସେଲ୍ସ ସେବା ଅନୁଭବ ପ୍ରତି ନିଜର ଅବିରତ ପ୍ରତିବଦ୍ଧତାକୁ ପୁନଃ ସୁଦୃଢ଼ କରିଛି। ଏହି ସର୍ଭିସ୍ କ୍ୟାମ୍ପ ଦେଶର ବିଭିନ୍ନ ସହରରେ ଆୟୋଜିତ ହେବ ଏବଂ ଗ୍ରାହକମାନଙ୍କୁ ସମ୍ପୂର୍ଣ୍ଣ ଭେହିକଲ୍ ହେଲ୍ଥ ଚେକ୍-ଅପ୍ ସହିତ ସର୍ଭିସ୍, ସ୍ପେୟାର୍ ପାର୍ଟସ୍, ଲେବର୍ ଓ ଜେନୁଇନ୍ ଆକ୍ସେସରିଜ୍ ଉପରେ ବିଶେଷ ସୁବିଧା ଯୋଗାଇ ଦିଆଯିବ। ଏହି ପଦକ୍ଷେପର ଅଂଶ ଭାବେ ପ୍ରଶିକ୍ଷିତ ଟେକ୍ନିସିଆନମାନେ ୭୨-




ପଏଂଟ ମୋଟରସାଇକେଲ୍ ଯାଂଚ କରିବେ, ଯାହାରେ ଇଜିନ୍ ପ୍ରଦର୍ଶନ, ବ୍ରେକ୍, କ୍ଲଚ୍, ଇଲେକ୍ଟ୍ରିକାଲ୍ ସିଷ୍ଟମ୍, ଟାୟର୍ସ, ସସ୍ପେନ୍ସନ୍, ବ୍ୟାଟେରିର ସ୍ୱାସ୍ଥ୍ୟ ଓ ଗାଡିର ସମ୍ପୂର୍ଣ୍ଣ ଅବସ୍ଥା ଯାଂଚ କରାଯିବ, ଯାହା ଉତମ ରାଇଡିଂ ପ୍ରଦର୍ଶନ ଓ ସୁରକ୍ଷା ନିଶ୍ଚିତ କରିବ। ଏହି ପଦକ୍ଷେପ ସମ୍ପର୍କରେ ମତ ପ୍ରକାଶ କରି କ୍ଲାସିକ ଲିଜେଣ୍ଡସ ପକ୍ଷରୁ ଏହାର, ହେଡ୍ ଅଫ୍ ନ୍ୟାସନାଲ୍ ବିଜନେସ୍ ଅପରେସନ୍ସ, ଶ୍ରୀଯୁକ୍ତ ଜୟପ୍ରଦୀପ ବାସୁଦେବନ କହିଛନ୍ତିଯେ, 'କ୍ଲାସିକ୍ ଲେଜେଣ୍ଡସ୍‌ରେ ଗ୍ରାହକ ଅନୁଭବ ଓ ରାଇଡର ସନ୍ତୁଷ୍ଟି ସଦା ଆମର ପ୍ରାଥମିକତାର କେନ୍ଦ୍ରବିନ୍ଦୁରେ ରହିଛି। 'ଲେଜେଣ୍ଡସ୍ କେୟାର କ୍ୟାମ୍ପ' ମାଧ୍ୟମରେ ଆମେ ରାଇଡରମାନଙ୍କୁ ନିପୁଣ ସର୍ଭିସ୍ ସହଯୋଗ ଓ ପ୍ରୋଆକ୍ଟିଭ୍ ଭେହିକଲ୍ କେୟାର ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ।

# ଇୟୁଜେନିକ୍ସ ହେୟାର ସାଇନ୍ସେସ ପକ୍ଷରୁ ହେୟାର୍ ରିଷ୍ଟୋରେସନ୍ କ୍ଲିନିକର ଶୁଭାରମ୍ଭ

**ଭୁବନେଶ୍ୱର, ୨୧।୫ (ନି.ପ୍ର) :** ଭାରତର ଅଗ୍ରଣୀ ଓ ବିଶ୍ୱସନୀୟ ହେୟାର୍ ରିଷ୍ଟୋରେସନ୍ ଏବଂ ହେୟାର୍ ଟ୍ରାନ୍ସପ୍ଲାଂଟ ସଂସ୍ଥାମାନଙ୍କ ମଧ୍ୟରେ ଅଗ୍ରଣୀ, ଇୟୁଜେନିକ୍ସ ହେୟାର ସାଇନ୍ସେସ, ଭୁବନେଶ୍ୱରରେ ଏହାର ଆଧୁନିକ ଓ ବିଶ୍ୱସ୍ତରୀୟ କ୍ଲିନିକ୍‌ର ଶୁଭାରମ୍ଭ କରିଛି। ଏହା ଓଡ଼ିଶାରେ ବିଶ୍ୱସ୍ତରୀୟ ହେୟାର୍ ରିଷ୍ଟୋରେସନ୍ ସେବା ପହଂଚାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଭୁବନେଶ୍ୱରର ନୟାପଲ୍ଲୀସ୍ଥିତ ଆଇଆରସି ଭିଲେଜ୍‌ର ଡିଆଇପି କଲୋନୀ, ପ୍ଲଟ୍ ନମ୍ବର ୩୯-ସିରେ ଅବସ୍ଥିତ ଏହି ପ୍ରିମିୟମ୍ ତିନିମହଲା ବିଶିଷ୍ଟ କ୍ଲିନିକ୍‌କୁ ଆର୍ନ୍ତଜାତୀୟ ମାନଦଣ୍ଡର ଚିକିତ୍ସା ସେବା, ପ୍ରଯୁକ୍ତି, ଭିତିଭୂମି ଓ ରୋଗୀ ଅନୁଭବ ସହିତ ଉନ୍ନତ ହେୟାର୍ ରିଷ୍ଟୋରେସନ୍ ଚିକିତ୍ସା ପ୍ରଦାନ ପାଇଁ ଡିଜାଇନ୍ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଭିନେତା, ସୁରେନ୍ଦ୍ର ପାଲ, ଲୋକପ୍ରିୟ ଗାୟକ ମିକା ସିଂହ, ଦିଲିପ୍ ତିର୍କୀ, ପ୍ରେମାନନ୍ଦ ଏବଂ ସୁଦର୍ଶନ ପଟନାୟକଙ୍କ ସମେତ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଉପସ୍ଥିତ ଥିଲେ। ୨୦୦୮ ମସିହାରେ ପ୍ରସିଦ୍ଧ ହେୟାର୍ ଟ୍ରାନ୍ସପ୍ଲାଂଟ ବିଶେଷଜ୍ଞ, ଡ଼ଃ ପ୍ରଦୀପ ସେଠୀ ଏବଂ ଡ଼ଃ ଅରୀକା ବଂଶଲଙ୍କ ଦ୍ୱାରା ସ୍ଥାପିତ ଇୟୁଜେନିକ୍ସ ହେୟାର ସାଇନ୍ସ ଭାରତରେ ହେୟାର୍ ରିଷ୍ଟୋରେସନ୍ କ୍ଷେତ୍ରରେ ଏକ ପ୍ରମୁଖ ପଥପ୍ରଦର୍ଶକ ଭାବେ ପରିଚିତ ହୋଇଉଠିଛି। ଏହି ଅବସରରେ ଡକ୍ଟର ପ୍ରଦୀପ ସେଠୀ କହିଛନ୍ତି, 'ଆମର ଭୁବନେଶ୍ୱର କ୍ଲିନିକର ଲଂଚ୍ ଇୟୁଜେନିକ୍ସ ହେୟାର ସାଇନ୍ସେସ ପାଇଁ ଏକ ଗୌରବମୟ ମୁହୂର୍ତ୍ତ। ଆଡ୍‌ଭାନ୍ସଡ ଆଏସ୍ଥେଟିକ ଓ ହେୟାର ରିଷ୍ଟୋରେଶନ ସମାଧାନ ସମ୍ପର୍କରେ ବର୍ଦ୍ଧିତ ସଚେତନତା ପାଇଁ ଓଡିଶା ହେଉଛି ଏକ ଉଦୀୟମାନ ବଜାର। ଆମେ ରାଜ୍ୟର ଲୋକମାନଙ୍କ ପାଇଁ ବିଶ୍ୱସ୍ତରୀୟ ବିଶେଷଜ୍ଞତା, ଟେକ୍ନୋଲୋଜି ଓ ରୋଗୀ ଚିକିତ୍ସା ଆଣି ଖୁସି ଅନୁଭବ କରୁଛୁ।' ସଂସ୍ଥାପକଦ୍ୱୟ



ବୈପ୍ଳବିକ ଡ଼ିଏଚଟି(ଡାଇରେକ୍ଟ ହେୟାର୍ ଟ୍ରାନ୍ସପ୍ଲାଂଟ) ଟେକ୍ନୋଲୋଜିର ଉଦ୍ଭାବକ ଭାବେ ପରିଚିତ, ଯାହା ଅଧିକ ସଠିକତା, ପ୍ରାକୃତିକ ଘନତା ଓ ଉତ୍କୃଷ୍ଟ ପରିଣାମ ସହିତ ଆଧୁନିକ ହେୟାର୍ ଟ୍ରାନ୍ସପ୍ଲାଂଟ ପ୍ରକ୍ରିୟାକୁ ପରିବର୍ତନ କରିଛି। ବର୍ଷକାଳ ଧରି ଇୟୁଜେନିକ୍ସ ହେୟାର ସାଇନ୍ସେସ ୨୦,୦୦୦ରୁ ଅଧିକ ହେୟାର୍ ଟ୍ରାନ୍ସପ୍ଲାଂଟ ପ୍ରକ୍ରିୟା ସଫଳତାର ସହିତ ସମ୍ପନ୍ନ କରିଛି ଏବଂ ହେୟାର୍ ରିଷ୍ଟୋରେସନ୍ କ୍ଷେତ୍ରରେ ୩୦ ବର୍ଷରୁ ଅଧିକ ସାମୁହିକ ଅନୁଭବ ରଖିଛି। ବଲିଉଡ୍ ସେଲିବ୍ରିଟି, ଭାରତୀୟ ଓ ଆର୍ନ୍ତଜାତୀୟ କ୍ରିକେଟର, ପ୍ରସିଦ୍ଧ ବ୍ୟକ୍ତିତ୍ୱ, ବ୍ୟବସାୟୀ ଓ ବିଶ୍ୱର ୯୦ରୁ ଅଧିକ ଦେଶର ରୋଗୀମାନଙ୍କ ମଧ୍ୟରେ ଏହି ସଂସ୍ଥା ଆସ୍ଥା ଅର୍ଜନ କରିଛି। ଭୁବନେଶ୍ୱର କ୍ଲିନିକ୍‌ର ବିଶେଷତାଗୁଡିକ ଯେପରିକି, ତିନିମହଲା ବିଶିଷ୍ଟ ଆଧୁନିକ ଅପରେସନାଲ୍ ଭିତିଭୂମି, ୩ଟି ନିର୍ଦ୍ଦିଷ୍ଟ ଓଟି ରୁମ୍, ଅନୁଭବୀ ଡାକ୍ତର ଓ ପ୍ରଶିକ୍ଷିତ ଚିକିତ୍ସାକର୍ମୀ ଦଳ, ଡ଼ିଏଚଟି ଟେକ୍ନୋଲୋଜି - ହେୟାର୍ ରିଷ୍ଟୋରେସନ୍‌ର ବିଶ୍ୱସ୍ତରୀୟ ଗୋଲ୍ଡ ଷ୍ଟାଣ୍ଡାର୍ଡ, ଯାହାକୁ ଇୟୁଜେନିକ୍ସ ସଂସ୍ଥାପକମାନେ ଉନ୍ନତ କରିଛନ୍ତି ଏବଂ ପ୍ରିମିୟମ୍ ରୋଗୀ ପରାମର୍ଶ ଓ ଚିକିତ୍ସା ସୁବିଧା ଉନ୍ନତ ହେୟାର୍ ଟ୍ରାନ୍ସପ୍ଲାଂଟ ପ୍ରକ୍ରିୟା ସହିତ, ଏହି କ୍ଲିନିକ୍‌ରେ ହେୟାର୍ ଲସ୍ ପରାମର୍ଶ ଓ ପିଆରପି, ଜିଏଫସି ସହିତ ଅନ୍ୟାନ୍ୟ ଆଧୁନିକ ହେୟାର୍ ରିଷ୍ଟୋରେସନ୍ ସମାଧାନ ମଧ୍ୟ ପ୍ରଦାନ କରାଯିବ। ଭୁବନେଶ୍ୱରରେ ଇୟୁଜେନିକ୍ସ ହେୟାର ସାଇନ୍ସେସର ଶୁଭାରମ୍ଭ ମାଧ୍ୟମରେ ଓଡ଼ିଶା ଓ ପୂର୍ବ ଭାରତର ରୋଗୀମାନଙ୍କୁ ମହାନଗରକୁ ଯିବାର ଆବଶ୍ୟକତା ବିନା ବିଶ୍ୱସ୍ତରୀୟ ହେୟାର୍ ରିଷ୍ଟୋରେସନ୍ ଚିକିତ୍ସା ସୁବିଧା ଉପଲବ୍ଧ କରାଇବାକୁ ଲକ୍ଷ୍ୟ ରହିଛି। ବର୍ଷକାଳ ଧରି ଇୟୁଜେନିକ୍ସ କେବଳ ହେୟାର୍ ରିଷ୍ଟୋରେସନ୍‌ରେ ନିଜର ନିଷ୍ଠାପୂର୍ଣ୍ଣ ଓ ଅତୁଟ ଧ୍ୟାନ ମାଧ୍ୟମରେ ନିଜର ପରିଚୟ ଗଢ଼ିଉଠିଛି।

# ଡିଜିଟାଲ୍ ପେମେଂଟ ଓ ୟୁପିଆଇ ଟ୍ରେଣ୍ଡରେ ଭାରତରେ ବଢୁଛି କ୍ରେଡିଟ୍ କାର୍ଡ ବ୍ୟବହାର : ଏସବିଆଇ କାର୍ଡ଼ ତଥ୍ୟ

**ଭୁବନେଶ୍ୱର, ୨୧।୫ (ନି.ପ୍ର) :** ଭାରତର ବୃଦ୍ଧିପାଉଥିବା ଆୟ, ସହରୀକରଣ, ଉନ୍ନତ ଜୀବନଶୈଳୀ ଏବଂ ଡିଜିଟାଲ୍-ପ୍ରଥମ କାରବାର ପ୍ରତି ଆଗ୍ରହ ଭାରତରେ କ୍ରେଡିଟ୍ କାର୍ଡ ବ୍ୟବହାରକୁ ନୂଆ ଗତି ଦେଉଛି। ଆର୍ଥିକ ବର୍ଷ ୨୬ରେ ଦେଶରେ ପ୍ରାୟ ୧୧୮.୬ ନିୟୁତ କ୍ରେଡିଟ୍ କାର୍ଡ ପ୍ରଚଳନରେ ରହିଥିବାବେଳେ, ମୋଟ କ୍ରେଡିଟ୍ କାର୍ଡ ଖର୍ଚ୍ଚ ଟ.୨୩.୬୨ ଟ୍ରିଲିୟନ୍‌କୁ ଅତିକ୍ରମ କରିଛି। ଭାରତର ସର୍ବବୃହତ ପିଓର-ପ୍ଲେ କ୍ରେଡିଟ୍ କାର୍ଡ କମ୍ପାନୀ, ଏସବିଆଇ କାର୍ଡ଼ ତଥ୍ୟ ଅନୁସାରେ, ଗ୍ରାହକମାନେ ଏବେ କେବଳ ଆବଶ୍ୟକତା ନୁହେଁ, ଅଭିଜ୍ଞତା ଓ ଜୀବନଶୈଳୀ-ଆଧାରିତ ଖର୍ଚ୍ଚରେ ମଧ୍ୟ ଅଧିକ ଆଗ୍ରହ ଦେଖାଉଛନ୍ତି। ଆର୍ଥିକ ବର୍ଷ ୨୬ରେ ଖୁଚୁରା ଖର୍ଚ୍ଚ ଟ.୩.୫୪ ଟ୍ରିଲିୟନ୍‌କୁ ପହଂଚିଥିବା ବେଳେ, ତାହାର ୬୨.୫% ଅନଲାଇନ୍ ଖର୍ଚ୍ଚ ରହିଛି, ଯାହା ଡିଜିଟାଲ୍-ପ୍ରଥମ ବ୍ୟବହାରର ବୃଦ୍ଧିକୁ ସ୍ପଷ୍ଟ କରୁଛି। ଏସବିଆଇ କାର୍ଡର ମୋବାଇଲ୍ ଆପ୍, ଆସ୍କ ଆଇଏଲଏ ଚାଟବଟ୍ ଓ ହ୍ୱାଟସଆପ୍ ସେବା ଭଳି ଡିଜିଟାଲ୍ ପ୍ଲାଟଫର୍ମ ଗ୍ରାହକଙ୍କ ମଧ୍ୟରେ ବୃଦ୍ଧିଶୀଳ ଲୋକପ୍ରିୟତା ଲାଭ କରୁଛି।

ଏସବିଆଇ କାର୍ଡର ଏମଡି ଓ ସିଇଓ, ସଲୀଲା ପାଣ୍ଡେ କହିଛନ୍ତି ଯେ ବର୍ଦ୍ଧିତ ଆୟ, ଡିଜିଟାଇଜେସନ୍, ପ୍ରଗତିଶୀଳ ନୀତି ଏବଂ ପେମେଂଟ ଭିତିଭୂମିର ବିସ୍ତାର ଦେଶର କ୍ରେଡିଟ୍ କାର୍ଡ ଇକୋସିଷ୍ଟମ୍‌କୁ ପୁନଃଆକାର ଦେଉଛି। ବିଶେଷକରି ୟୁପିଆଇ-ଲିଙ୍କ୍ଡ କ୍ରେଡିଟ୍ କାର୍ଡର ବ୍ୟବହାର ଦୈନନ୍ଦିନ କାରବାରରେ ଦ୍ରୁତ ଗତିରେ ବଢୁଛି। ଏସବିଆଇ କାର୍ଡର ଆର୍ଥିକ ବର୍ଷ ୨୬ର କ୍ୟୁ୪ ତଥ୍ୟ ଅନୁଯାୟୀ, ୟୁପିଆଇ-ଲିଙ୍କ୍ଡ କ୍ରେଡିଟ୍ କାର୍ଡ ଖର୍ଚ୍ଚ ପୂର୍ବ ତ୍ରୟମାସିକ ତୁଳନାରେ ୧୦%ରୁ ଅଧିକ ବୃଦ୍ଧି ପାଇଛି। ଡିପାର୍ଟମେଂଟାଲ୍ ଷ୍ଟୋର, ଗ୍ରୋସେରୀ, ୟୁଟିଲିଟି, ଇନ୍ଧନ, ପୋଷାକ ଓ ରେଷ୍ଟୁରାଂଟ ଭଳି କ୍ଷେତ୍ରରେ ଏହାର ବ୍ୟବହାର ବୃଦ୍ଧି ଗ୍ରାହକଙ୍କ ବଢୁଥିବା ଆତ୍ମବିଶ୍ୱାସ ଓ ସୁବିଧାବୋଧକୁ ପ୍ରତିଫଳିତ କରୁଛି। ମହାନଗର ସହର ସୀମା ଛାଡ଼ି ବର୍ତମାନ ଟିୟର-୨ ଓ ଟିୟର-୩ ସହରଗୁଡିକରେ ମଧ୍ୟ କ୍ରେଡିଟ୍ କାର୍ଡ ବ୍ୟବହାର ଦ୍ରୁତ ଭାବେ ବଢୁଛି। ୟୁପିଆଇ ସହିତ ରୁପେ କ୍ରେଡିଟ୍ କାର୍ଡର ସମନ୍ୱୟ ଛୋଟ ସହରର ଗ୍ରାହକଙ୍କୁ ଦୈନନ୍ଦିନ ଓ ଛୋଟ ଟିକେଟ୍ ଖର୍ଚ୍ଚରେ ମଧ୍ୟ କ୍ରେଡିଟ୍ ବ୍ୟବହାରକୁ ସହଜ କରିଛି। ଏସବିଆଇ କାର୍ଡ ତଥ୍ୟ ଅନୁଯାୟୀ, ୟୁପିଆଇ-ସକ୍ରିୟ କ୍ରେଡିଟ୍ କାର୍ଡ ଗ୍ରାହକଙ୍କ ମଧ୍ୟରୁ ପ୍ରାୟ ୭୭% ଏବଂ ୟୁପିଆଇ-କ୍ରେଡିଟ୍ ଖର୍ଚ୍ଚର ୮୧% ଟିୟର-୨ ଓ ଟିୟର-୩ ସହରରୁ ଆସୁଛି। ଏହା ସହିତ ଗ୍ରାହକମାନଙ୍କ ମଧ୍ୟରେ ମଲ୍ଟି-କାର୍ଡ ବ୍ୟବହାର ପ୍ରତି ଆଗ୍ରହ ମଧ୍ୟ ବଢୁଛି। ଯାତ୍ରା, ସୁସ୍ଥତା, ଇନ୍ଧନ, ସପିଂ ଓ ଡିଜିଟାଲ୍ କାରବାର ଭଳି ଭିନ୍ନ ଆବଶ୍ୟକତା ପାଇଁ ଲୋକମାନେ ଭିନ୍ନ କ୍ରେଡିଟ୍ କାର୍ଡ ବ୍ୟବହାର କରୁଛନ୍ତି। ଏହି ପ୍ରବଣତା ବର୍ଗ-ନିର୍ଦ୍ଦିଷ୍ଟ ଲାଭ, ବ୍ୟକ୍ତିଗତ ପୁରସ୍କାର ଓ ଅଭିଜ୍ଞତା-କେନ୍ଦ୍ରିକ ଖର୍ଚ୍ଚ ପ୍ରତି ବଢୁଥିବା ଗ୍ରାହକ ଆଗ୍ରହକୁ ଦର୍ଶାଉଛି।

# ଅନଲାଇନ ଔଷଧ ବିକ୍ରିକୁ ବିରୋଧ କରି ଛତ୍ରପୁର ଔଷଧ ଦୋକାନ ସଙ୍ଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ଛତ୍ରପୁର, ୨୧।୫ (ନି.ପ୍ର) :** ଅନଲାଇନ ଔଷଧ ବିକ୍ରୀକୁ ବିରୋଧ କରାଯାଇ ଅଲଇଣ୍ଡିଆ ଅର୍ଗାନାଇଜେସନ ଅଫ କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ (ଏଆଇଓସିଡି )ପକ୍ଷରୁ ଦେଶ ବ୍ୟାପି ଔଷଧ ଦୋକାନ ବନ୍ଦ ଡାକରା ଦିଆଯାଇଥିବା ବେଳେ ଓଡ଼ିଶାରେ ଉତ୍କଳ କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସସିଏ ସନ ଏହାକୁ ସମର୍ଥନ ଜଣାଇଥିବା ପରି ପ୍ରେକ୍ଷୀରେ ଛତ୍ରପୁର



ରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା।ଛତ୍ରପୁର ସହର ରେ ଥିବା ସମସ୍ତ ଔଷଧ ଦୋକାନ ସକାଳ ୬ ଟା ରୁ ରାତି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଔଷଧ ର ଅନଲାଇନ ବିକ୍ରି ବନ୍ଦ କରିବା,କର୍ପୋରେଟ ସଂସ୍ଥା ଦ୍ୱାରା ରିହାତି ବନ୍ଦ କରିବା ନକଲି ଔଷଧ କୁ ବଜାରରୁ ଏଡାଇବା ଆଦି ଦାବି ପୂରଣ ନିମନ୍ତେ ଏଇ ବନ୍ଦ ଡାକରା ଦିଆଯାଇଥିଲା।

# ବେଦାନ୍ତ ଆଲୁମିନିୟମର ସ୍ୱାସ୍ଥ୍ୟସେବା ଦ୍ୱାରା କଳାହାଣ୍ଡି ଏବଂ ରାୟଗଡ଼ାରେ ୬୫,୦୦୦ ରୁ ଊର୍ଦ୍ଧ୍ୱ ଲୋକ ଉପକୃତ

**ଭୁବନେଶ୍ୱର, ୨୧।୫ (ନି.ପ୍ର):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏହାର ମୋବାଇଲ୍ ହେଲ୍ଥ ୟୁନିଟ୍ (ଏମଏଚୟୁ) ପଦକ୍ଷେପ ମାଧ୍ୟମରେ ଓଡ଼ିଶାରେ ଗ୍ରାମୀଣ ସ୍ୱାସ୍ଥ୍ୟସେବା ପ୍ରଦାନକୁ ସୁଦୃଢ଼ କରିଛି, ଯାହାର ଲକ୍ଷ୍ୟ ହେଉଛି ଅନୁନ୍ନତ ଅଂଚଳଗୁଡ଼ିକରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ଉନ୍ନତ କରିବା। ଆର୍ଥିକ ବର୍ଷ ୨୬ ରେ, କମ୍ପାନୀ ରାୟଗଡ଼ାର ୩୫ ଗ୍ରାମ, ସିଜିମାଲିର ୩୧ଟି ଗ୍ରାମ ଏବଂ କଳାହାଣ୍ଡିର ୬୦ଟି ଗ୍ରାମ ସମେତ ମୋଟ ୧୨୬ ଟି ଗ୍ରାମରୁ ୬୫,୦୦୦ ରୋଗୀଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ସେବା ପ୍ରଦାନ କରାଯାଇଛି। ମୋବାଇଲ୍ ହେଲ୍ଥ ୟୁନିଟ୍ (ଏମଏଚୟୁ) ହେଉଛି ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା ଯାନ ଯାହା ସମ୍ପ୍ରଦାୟଗୁଡ଼ିକୁ ସିଧାସଳଖ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ପ୍ରଦାନ କରିଥାଏ, ବିଶେଷକରି ଦୁର୍ଗମ, ଗ୍ରାମାଂଚଳ ଏବଂ ଅନୁନ୍ନତ ଅଂଚଳରେ ଯେଉଁଠାରେକି ହସ୍ପିଟାଲ ଏବଂ କ୍ଲିନିକ୍ ଉପଲବ୍ଧତା ସୀମିତ ଥାଏ। 'କ୍ଲିନିକ୍ ଅନ୍ ହ୍ୱିଲ୍ସ' ଭାବରେ କାର୍ଯ୍ୟ କରୁଥିବା ଏହି ୟୁନିଟ୍ ଗୁଡିକ ସମ୍ପୂର୍ଣ୍ଣ ଭାବରେ ଅତ୍ୟାବଶ୍ୟକୀୟ ଚିକିତ୍ସା ଉପକରଣ ସହିତ ସଜ୍ଜିତ ଏବଂ ଯୋଗ୍ୟତାପ୍ରାପ୍ତ ସ୍ୱାସ୍ଥ୍ୟସେବା ବୃତିଗତଙ୍କ ଦ୍ୱାରା କର୍ମଚାରୀ ଭାବରେ କାର୍ଯ୍ୟ କରନ୍ତି, ଯାହା ସମ୍ପ୍ରଦାୟର ଦ୍ୱାରଦେଶରେ ସିଧାସଳଖ ଚିକିତ୍ସା ସେବା ଆଣି ଗୁରୁତ୍ୱପୂର୍ଣ୍ଣ ପ୍ରବେଶଯୋଗ୍ୟତା ବ୍ୟବଧାନକୁ ପୂରଣ କରିବାରେ ସାହାଯ୍ୟ କରେ। ଏମଏଚୟୁ ଗୁଡିକ ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତଚାପ ଏବଂ ରକ୍ତ ଶର୍କରା ପରୀକ୍ଷା, ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟସେବା ସହାୟତା, ମୌଳିକ ରୋଗ ନିର୍ଣ୍ଣୟ ଏବଂ ମାଗଣା ଔଷଧ ବଂଟନ ସମେତ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟସେବା ସେବା ପ୍ରଦାନ କରନ୍ତି। ଏହା ସହିତ, ସୁସ୍ଥ ସମ୍ପ୍ରଦାୟକୁ ଉତ୍ସାହିତ କରିବା ପାଇଁ ଡାକ୍ତରୀ ଦଳଗୁଡ଼ିକ ନିୟମିତ ଭାବରେ ପ୍ରତିରୋଧକ



ସ୍ୱାସ୍ଥ୍ୟସେବା, ପରିଷ୍କାର ପରିଚ୍ଛନ୍ନତା, ପୁଷ୍ଟିସାର, ଋତୁକାଳୀନ ରୋଗ ଏବଂ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଉପରେ ସଚେତନତା ଅଧିବେଶନ ଆୟୋଜନ କରନ୍ତି। ଦୂରଦୂରାନ୍ତ ସ୍ଥାନରେ ନିର୍ଭରଯୋଗ୍ୟ ଚିକିତ୍ସା ସେବାର ପ୍ରବେଶକୁ ଉନ୍ନତ କରିବା ପାଇଁ ଏହି ପଦକ୍ଷେପ ସ୍ୱାସ୍ଥ୍ୟସେବା କର୍ମୀ ଏବଂ ସମ୍ପ୍ରଦାୟ ସଦସ୍ୟମାନଙ୍କଠାରୁ ପ୍ରଶଂସା ପାଇଛି। ଜଣେ ସ୍ୱୀକୃତିପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କର୍ମୀ (ଆଶା) କର୍ମୀ ଶ୍ରୀମତୀ ବାସନ୍ତୀ ଭାଗ କହିଛନ୍ତି, 'ବେଦାନ୍ତର ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ଏହି ଅଂଚଳରେ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ସେବାର ପ୍ରବେଶକୁ ଉନ୍ନତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ପଦକ୍ଷେପ ଆମ ସମ୍ପ୍ରଦାୟର ନିକଟତର ହେବା ସହିତ ଗ୍ରାମାଂଚଳମାନଙ୍କ ମଧ୍ୟରେ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଅଭ୍ୟାସ ବିଷୟରେ ସଚେତନତା ବୃଦ୍ଧି କରିଛି। ଏହି ପଦକ୍ଷେପର ପ୍ରଭାବ ବିଷୟରେ କହିବାକୁ ଗଲେ, କଳାହାଣ୍ଡି ଜିଲ୍ଲାର ଉପର ଆମ୍ବାପଦର ଗ୍ରାମର ବାସିନ୍ଦା ଶ୍ରୀମତୀ ସରକାର ମାଝୀ କହିଛନ୍ତି, 'ମୁଁ ବେଦାନ୍ତ ଆଲୁମିନିୟମର ବିକାଶ ପ୍ରୟାସ ପାଇଁ କୃତଜ୍ଞ, କାରଣ ମୋବାଇଲ୍ ହେଲ୍ଥ ୟୁନିଟ୍ ଆମ ଗାଁ , ବିଶେଷକରି ବୃଦ୍ଧ ଏବଂ ପିଲାମାନଙ୍କ ପାଇଁ ଏକ ବରଦାନ ସଦୃଶ ସାବ୍ୟସ୍ତ ହୋଇଛି। ଓଡ଼ିଶାର ଅନେକ ଦୁର୍ଗମ ଅଂଚଳରେ ସ୍ୱାସ୍ଥ୍ୟସେବା ଉପଲବ୍ଧତା ଏକ ପ୍ରମୁଖ ଚ୍ୟାଲେ ହୋଇ ରହିଛି, ଯେଉଁଠାରେ ଦୂରତା, ସୀମିତ ଭିତିଭୂମି ଏବଂ ସ୍ୱାସ୍ଥ୍ୟସେବା ବୃତିଗତଙ୍କ ଅଭାବ ପ୍ରାୟତଃ ସମୟାନୁବର୍ତୀ ଚିକିତ୍ସାକୁ ବାଧା ଦିଏ। ଦ୍ୱାରଦେଶ ସେବା ପ୍ରଦାନ କରି, ଏମଏଚୟୁ ପଦକ୍ଷେପ ମୌଳିକ ଚିକିତ୍ସା ଆବଶ୍ୟକତା ପୂରଣ କରିବା ପାଇଁ ଦୂରତା ଯାତ୍ରା କରିବାର ଆବଶ୍ୟକତାକୁ ଦୂର କରିଛି। ସାମୁଦାୟିକ ସ୍ୱାସ୍ଥ୍ୟସେବା ପ୍ରତି ଏହାର ନିର'ର ପ୍ରତିବଦ୍ଧତା ପ୍ରଦର୍ଶନ କରି, କମ୍ପାନୀ ୫୧ଟି ଗ୍ରାମରେ ୧,୯୪୯ ରୋଗୀଙ୍କୁ ଉପକୃତ କରି ୧୧ଟି ମଲ୍ଟିସ୍ପେଶାଲିଟି ସ୍ୱାସ୍ଥ୍ୟ ଶିବିର ମଧ୍ୟ ଆୟୋଜନ କରିଛି।

# ଟାଟା ଏଆଇଏ ଲାଇଫ ପକ୍ଷରୁ ଡିଭିଡେଂ ଟଲିଡର୍ସଇଣ୍ଡେକ୍ସ ପେନସନ ଫଣ୍ଡର ଶୁଭାରମ୍ଭ

**ଭୁବନେଶ୍ୱର, ୨୧।୫ (ନି.ପ୍ର) :** ଅବସର ପାଇଁଯୋଜନା ପ୍ରସ୍ତୁତ କରିବାର ଅର୍ଥ ହେଉଛି କାର୍ଯ୍ୟକ୍ଷେତ୍ର ଛାଡ଼ିବା ପରେ ମଧ୍ୟ ଆୟକୁ ନିଶ୍ଚିତ କରିବା। ସେହି ଆବଶ୍ୟକତାକୁ ନଜରରେ ରଖି ଟାଟାଏଆଇଏ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ଟାଟାଏଆଇଏଡିଭିଡେଂଟଲିଡର୍ସଇଣ୍ଡେକ୍ସ ପେନସନ ଫଣ୍ଡର ଶୁଭାରମ୍ଭ କରାଯାଇଛି। ଭାରତର ଅଗ୍ରଣୀ ଲାଭାଂଶ ପ୍ରଦାନ କରୁଥିବା କମ୍ପାନି ମାନଙ୍କ ଜରିଆରେ ଦୀର୍ଘକାଳୀନ ଅବସରକାଳୀନ ସଂପତି ଗଢ଼ିବାକୁ ଚାହୁଥିବା ଗ୍ରାହକଙ୍କୁ ସାହାଯ୍ୟ କରିବା ଲକ୍ଷ୍ୟ ନେଇ ଏହି ଫଣ୍ଡକୁ ପ୍ରସ୍ତୁତ କରାଯାଇଛି।ଏହି ଫଣ୍ଡରେ ବଜାର ଆଧାରିତ ନିବେଶର ଦ୍ରୁତ ଅଭିବୃଦ୍ଧି ସମ୍ଭାବନାସହ ଜୀବନ ବୀମା ସୁରକ୍ଷାର ପ୍ରତିଶ୍ରୁତି ରହିଛି।

ଏହି ଫଣ୍ଡର ପାଣ୍ଠିକୁ ନିରନ୍ତର ଲାଭାଂଶ ପ୍ରଦାନ କରୁଥିବା ଦେଶର ୫୦ ପାଣ୍ଠିରେ ନିବେଶ କରାଯାଉଛି ଯେଉଁ ମାନେ ଅଂଶଧନକାରୀ ମାନଙ୍କୁ ବଜାରର ବିଭିନ୍ନ ଚକ୍ରରେ ରିୱାର୍ଡ ଦେଉଛନ୍ତି। ଏଥିରେ ପରୋକ୍ଷ ନିବେଶ ଆଭିମୁଖ୍ୟ ଗ୍ରହଣ

TATA AIA LIFE INSURANCE

କରାଯାଇଛି ଏବଂ ଆଇଆରଡିଏଆଇର ନିୟମ ଅନୁସାରେ ଏହା ବିଏସଇ ୫୦୦ ଡିଭିଡେଂଟଲିଡର୍ସ ୫୦ ସୂଚୀକୁ ଅନୁସରଣ କରୁଛି। ପୋର୍ଟଫୋଲିଓରେ କେବଳ ଆକଳନ ସୁଯୋଗ ବଦଳରେ ବଜାରର ଅଗ୍ରଣୀ ମାନଙ୍କ ଉପରେ ଗୁରୁତ୍ୱାରୋପ କରାଯାଉଛି। ଏହି କମ୍ପାନି ଗୁଡ଼ିକ ଲାଭାଂଶ ସୃଷ୍ଟି କରୁଥିବାରୁ ସେହି ପାଣ୍ଠିକୁ ପୃଥକ ଭାବେ ସେମାନଙ୍କୁ ଦେବା ବଦଳରେ ପୋର୍ଟଫୋଲିଓ୍ୱ ନିବେଶ କରାଯାଉଛି। ସମୟ ଅତିକ୍ରାନ୍ତ କରିବା ସହ ପୁିରେବୃଦ୍ଧି ଦ୍ୱାରା ଦୀର୍ଘକାଳୀନ ସଂପତିରେ ଉନ୍ନତି ହୋଇପାରିବ ଏବଂ ଆୟର ପୁନଃନିବେଶ ଅବସରକାଳୀନ ପାଣ୍ଠି ଗଠନ କରିବାରେ ଯୋଗଦାନ ଦେବ। ଏହା ପାରମ୍ପରିକ ଅବସର କାଳୀନ ଆଧାରିତ ନିବେଶ ବିକଳ୍ପ ତୁଳନାରେ ଟାଟାଏଆଇ ଏଡିଭିଡେଂଟ ଲିଡର୍ସଇଣ୍ଡେକ୍ସ ପେନସନ ଫଣ୍ଡକୁ ଅଧିକ ଭାବେ ଗଢ଼ି ତୋଳିଛି। ଏହା ସ୍ଥିର ଭାରତୀୟ ବ୍ୟବସାୟର ଅଭିବୃଦ୍ଧିକୁ ତୋଳି ଧରିବା ସହ ଦୀର୍ଘକାଳୀନ ଚକ୍ରବୃଦ୍ଧିର ଶକ୍ତିକୁ ହାସଲ କରିବାକୁ ଚାହୁଁଛି।

ଏହି ପଣ୍ଡରେ ୭୦-୧୦୦% ରାଶିକୁଇକ୍ୱିଟିରେ ଆବଟଂନ କରାଯିବ ଯାହା ଫଳରେଭାରତର ଅଭିବୃଦ୍ଧି କାହାଣୀରେ ଅର୍ଥପୂର୍ଣ୍ଣ ଯୋଗଦାନ ହୋଇପାରିବ। ନଗଦ ଓ ମନିମାର୍କେଟ ଉପକରଣରେ ୦-୩୦% ରାଶି ନିବେଶ କରାଯିବ ଯାହା ପୋର୍ଟଫୋଲିଓର ନମନୀୟତା ବଜାୟ ରଖିବାରେ ସହାୟକ ହେବ। ନୂଆ ଫଣ୍ଡ ଅଫର ୨୦୨୬ ମେ ୨୦ରୁ ମେ ୨୭ ମଧ୍ୟରେ ଖୋଲାରହିବ। ଏହି ଅବଧିରେ ଜାରି ହେଉଥିବା ପଲିସିରଏନଏଭି ୧୦ ଟଙ୍କା ରହିବ। ଟାଟା ଏଆଇଏସ୍ମାର୍ଟ ପେନସନ ସିକ୍ୟୁର ଓ ଟାଟାଏଆଇଏ ପ୍ରିମିୟମର ପେନସନ ସିକ୍ୟୁରଜରିଆରେ ଟାଟାଏଆଇ ଏଡିଭିଡେଂ ଟଲିଡର୍ସଇଣ୍ଡେକ୍ସ ପେନସନ ଫଣ୍ଡ ଉପଲବ୍ଧ ହେବ।

# କୋକା-କୋଲାଇଣ୍ଡିଆ ମାଜାର ୫୦ ବର୍ଷ ପୂର୍ତି ପାଳନ

**ନୂଆଦିଲ୍ଲୀ, ୨୧।୫ (ନି.ପ୍ର):** କୋକା-କୋଲାଇଣ୍ଡିଆ ମାଜାର ୫୦ ବର୍ଷ ପୂର୍ତି ପାଳନ କରୁଛି, ଯାହା ନିଜର ଚିରାଚରିତ ଆମ୍ବ ସ୍ୱାଦ ମାଧ୍ୟମରେ ଭାରତବାସୀଙ୍କ ସେବା କରି ଆସୁଛି। ୧୯୭୬ ମସିହାରେ ଏହାର ଶୁଭାରମ୍ଭ ପରଠାରୁ, ମାଜା ଭାରତର ଆମ୍ବ ପ୍ରତି ଥିବା ଦୁର୍ବଳତା ତଥା ଭଲ ପାଇବା ସହିତ ଗଭୀର ଭାବେ ଜଡ଼ିତ ହୋଇ ରହିଛି ଏବଂ ଏକ ମହାନ୍‌ସ୍ୱାଦ, ପିଲାଦିନର ସ୍ମୃତି ଓ ସମ୍ପୂର୍ଣ୍ଣ ଭାରତୀୟ ଅନୁଭୂତିର ଏକ ଦୃଢ଼ ପରମ୍ପରା ଗଢ଼ି ତୋଳିଛି। ଦୀର୍ଘ ପାଂଚ୍ ଦଶନ୍ଧି ଧରି, ଖରାଦିନର ଅପରାହ୍ନ ଓ ପାରିବାରିକ ମେଳା ଠାରୁ ଆରମ୍ଭ କରି ଛୋଟ ଛୋଟ ଦୈନନ୍ଦିନ ଉତ୍ସବ ପର୍ଯ୍ୟନ୍ତ, ମାଜା ପିଢ଼ି ପିଢ଼ି ଧରି ନିଜର ଏକ ପରିଚିତ ଉପସ୍ଥିତି ବଜାୟ ରଖିଛି। ସମୟ ସହିତ ଏହି ବ୍ରାଣ୍ଡ କେବଳ ଏକ ମୃଦୁ ପାନୀୟ ହୋଇ ରହି ନାହିଁ, ବରଂ ଘରୋଇ ଆମ୍ବର ଏକ ଆରାମଦାୟକ ତଥା ସ୍ମରଣୀୟ ସ୍ୱାଦର ପ୍ରତୀକ ପାଲଟି ଯାଇଛି।

ମାଜା ଯେତେବେଳେ ଏହି ମାଇଲଖୁଂଟ ବର୍ଷକୁ ପାଳନ କରୁଛି, ଏହି ଉତ୍ସବ କେବଳ ବ୍ରାଣ୍ଡର ନିଜସ୍ୱ ଯାତ୍ରା ପଥ ମଧ୍ୟରେ ସୀମିତ ନାହିଁ। ଏହି ୫୦ ବର୍ଷର ସଫଳତା ହେଉଛି ସେହି ସମଗ୍ର ବ୍ୟବସ୍ଥା ପ୍ରତି ଏକ ଶ୍ରଦ୍ଧାଳି, ଯାହାବର୍ଷବର୍ଷ ଧରିମାଜାକୁ ଏହି ରୂପ ଦେଇଛି - ଭାରତୀୟ ଋଷ ଜମିରୁମିଳୁଥିବା ଆମ୍ବଠାରୁ ଆରମ୍ଭ କରି, ଏହାକୁ ନିଜଜୀବନର ଅଂଶ କରିଥିବା ଗ୍ରାହକ ଏବଂ ପ୍ରତିଟି ଢ଼ୋକ ପଛରେ ଥିବା ଅନେକ ପରିଶ୍ରମିହାତ ପର୍ଯ୍ୟନ୍ତ। ସୁନୈନିକାସିଂ, କୋକା-କୋଲାଇଣ୍ଡିଆ ଆଣ୍ଡସାଉଥୱେଷ୍ଟ ଏସିଆ, ବରିଷ୍ଠ ନିର୍ଦ୍ଦେଶିକା, ମାର୍କେଟିଙ୍ଗ - ନ୍ୟୁଟ୍ରିସନ, ମତବ୍ୟକ୍ତ କରି କହିଛନ୍ତି, 'ମାଜା ଅର୍ଦ୍ଧଶତାବ୍ଦୀ ଧରି ଭାରତୀୟ ମାନଙ୍କ ଜୀବନ, ଘରର ସେଲଫ ଏବଂସ୍ମୃତିରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହା ଖରା ଦିନ ଛୁଟି ଏବଂ ପାରିବାରିକ ମେଳା, ରବିବାର ମଧ୍ୟାହ୍ନ ଭୋଜନ ପରର ମିଠା ଏବଂ ପାର୍ବଣର ଆୟୋଜନରେସାମିଲରହିଛି - ସେଭଳି କିଛି ମୁହର୍ତରେ, ଯାହା ଫଟୋ ଉଠାଇବା ପାଇଁ ହୁଏତ ଖୁବ୍ ଛୋଟ, କିନ୍ତୁ ଭୁଲି ନ ଯିବାଭଳି ଅତିସୁନ୍ଦର। ମାଜାକୁ ଯାହା ଅସାଧାରଣ କରିଥାଏ, ତାହା ହେଉଛି ଏହା ପ୍ରତିଟି ଦଶନ୍ଧିରେ ସମ୍ପୂର୍ଣ୍ଣ ଭାବେ ନିଜର ଅସଲ ରୂପ ବଜାୟରଖିଛି: ସ୍ୱଷ୍ଟ, ସ୍ୱାଦିଷ୍ଟଏବଂ ପ୍ରକୃତ ଆମ୍ବ ଖାଇବାର ଅତି ନିକଟତର ଅନୁଭୂତିକୁନେଇ। ଏହି ବିଶ୍ୱାସ ଗତ ୫୦ ବର୍ଷ ଧରି ଗଢ଼ି ଉଠିଛି ଏବଂ ଆଗାମୀ ୫୦ ବର୍ଷ ପାଇଁ ଏହା ହିଁ




ଆମର ଏକ ମାତ୍ରମୂଳଦୁଆ। ମାଜା ବଦଳୁଥିବା ସମୟସହିତ ନିଜର ବିକାଶ ଜାରି ରଖିଛି, କିନ୍ତୁ ନିଜର ସେହି ସ୍ୱାଦ ଏବଂ ଅନୁଭୂତି ସହିତ ସବୁବେଳେ ଯୋଡ଼ି ହୋଇ ରହିଛି ଯାହା ଏହାକୁ ଘରେଘରେ ପରିଚିତ କରାଇଥିଲା। 'ତାଜା ମ୍ୟାଙ୍ଗୋ, ମାଜାମ୍ୟାଙ୍ଗୋଭଳି ଆଇକନିକ୍ ବିଜ୍ଞାପନ ଠାରୁ ଆରମ୍ଭ କରିସାଂସ୍କୃତିକ ଭାବେ ପ୍ରଭାବଶାଳୀ 'ମାଜାହୋ ଯାଏ' ଭଳି ଅଭିଯାନ ମାଧ୍ୟମରେ, ବ୍ରାଣ୍ଡକ୍ରମାଗତ ଭାବେ ଆମ୍ବ ପ୍ରତିଗ୍ରାହକଙ୍କ ଅତୁଟ ଭଲ ପାଇବାଏବଂ ଦୈନନ୍ଦିନ ଜୀବନକୁରୂପ ଦେଉଥିବା ଛୋଟଛୋଟ ବ୍ୟକ୍ତିଗତ ମୁହର୍ତ ଗୁଡ଼ିକୁ ପାଳନ କରିଆସୁଛି, ଯାହା ଆମ୍ବ ଏବଂମାଜାସହିତଲୋକଙ୍କର ଥିବାଭାବଗତସମ୍ପର୍କକୁ ଅଧିକ ଦୃଢ଼କରୁଛି। ସୃଜନଶୀଳତା ଉପରେ ମତବ୍ୟକ୍ତ କରି ସୁକେଶ ନାୟକ, ଚିଫକ୍ରିଏଟିଭ ଅଫିସରଓ ଗଲିଭି ଇଣ୍ଡିଆ କହିଛନ୍ତି, 'ମାଜାସର୍ବଦା ଆମ୍ବର ଆନନ୍ଦକୁ ପ୍ରତିପାଦିତ କରି ଆସିଛି, କେବଳ ଏକ ଫଳରସ ଭାବରେ ନୁହେଁବରଂ ଏକ ଏଭଳିଭାବନାଭାବରେ ଯାହାକୁ ନେଇ ଲୋକେ ବଡ଼ ହୋଇଛନ୍ତି। ଆମେ ଆମର ୫୦ ବର୍ଷ ପୁର୍ତି ପାଳନ କରୁଥିବାବେଳେ, ଏହାସେହି ଆବେଗ ଏବଂ ଏହାକୁ ପ୍ରତିଟି ଢ଼ୋକରେ ଜୀବନ୍ତ କରୁଥିବା ପ୍ରତ୍ୟେକ ଜିନିଷକୁ ସେଲିବ୍ରେଟ କରିବା ବିଷୟ ଅଟେ। ବିଜ୍ଞାପନ ଅଭିଯାନ ବ୍ୟତିତ, ମାଜାର ଆମ୍ବ ସହିତ ସମ୍ପର୍କ ପ୍ରତିଟି ବୋତଲ ପଛରେ ଥିବାବଗିଚା ଏବଂ ଋଷୀ ସମ୍ପ୍ରଦାୟରୁ ହିଁ ଆରମ୍ଭ ହୋଇଥାଏ। କୋକା-କୋଲାଇଣ୍ଡିଆର 'ପ୍ରୋଜେକ୍ଟ ଉନ୍ନତି' ମାଧ୍ୟମରେ, କମ୍ପାନୀ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚ୍ଳର ଫଳ ଋଷୀ ମାନଙ୍କ ସହ ସହଭାଗୀତା କରିଛି।ଏହା ଅଧିନରେ ଅଲଟ୍ରା-ହାଇ-ଡ଼େନସିଟିବା ଅତ୍ୟଧିକ ସାନ୍ଦ୍ରତା ବିଶିଷ୍ଟ ବୃକ୍ଷରୋପଣ ଏବଂ ଡ୍ରିପ୍‌ଇରିଗେସନ ବାବୁନ୍ଦାଜଳ ସେଚ୍ନ ପ୍ରଣାଳୀ ସହିତ ଅନେକ ସ୍ଥାୟୀ କୃଷି ପ୍ରଦ୍ଧତିର ପ୍ରବର୍ତନ କରାଯାଇଛି।ଏହା ଫଳର ଗୁଣବତା ସୁଧାରିବା, ଅମଳବୃଦ୍ଧି କରିବା ଏବଂ ଏକ ଦୀର୍ଘକାଳୀନ ଗ୍ରୋଭ-ଟୁ-ଗ୍ଲାସ ବାବଗିଚାରୁ ପାନୀୟ ଗ୍ଲାସ ପର୍ଯ୍ୟନ୍ତ ଆଭିମୁଖ୍ୟମାଧ୍ୟମରେଭାରତର ଆମ୍ବଋଷ ପରିସଂସ୍ଥାନକୁ ମଜବୁତ କରିବାରେ ସାହାଯ୍ୟ କରିଛି। ମାଜା ଏହାର ଦ୍ୱିତୀୟ ଅର୍ଦ୍ଧ-ଶତାବ୍ଦୀରେ ପ୍ରବେଶ କରୁଥିବା ବେଳେ, ବ୍ରାଣ୍ଡଟି ସେହି ଆନନ୍ଦ, ପରିଚ୍ଚିତତାଏବଂ ଆପ୍ୟାୟନକୁ ସେଲିବ୍ରେଟ କରିବା ପାଇଁ ପ୍ରତିବଦ୍ଧ ରହିଛି ଯାହାବିଗତ ପାଂଚ ଦଶନ୍ଧି ଧରିଏହାର ଯାତ୍ରାକୁ ବର୍ଣ୍ଣନା କରିଆସିଛି। ମାଜା ବର୍ଷସାରା, ସଂସ୍କୃତି ଏବଂ ଦୈନନ୍ଦିନ ଜୀବନ ସହିତ ଜଡ଼ିତ କାହାଣୀ, ଅନୁଭୂତି ଏବଂ ମୁହୂର୍ତ ଗୁଡ଼ିକ ମାଧ୍ୟମରେ ଆମ୍ବର ସେଲିବ୍ରେସନ କରିବ, ଏବଂ ଏହା ସହିତ ବ୍ରାଣ୍ଡର ମୂଳ ପରିଚ୍ୟକୁ ମଧ୍ୟ ଏହା ବଜାୟ ରଖିବ।

# ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଓଡିଶାର ସୁନ୍ଦରଗଡରେ କର୍କଟ ରୋଗୀଙ୍କ ପାଇଁ ଘରୋଇ ଭିତ୍ତିକ ଉପଶମକାରୀ ଚିକିତ୍ସା (Palliative Care) କାର୍ଯ୍ୟକ୍ରମକୁ ସହଯୋଗ କରୁଛି

**ସୁନ୍ଦରଗଡ଼, ୨୧।୫ (ନି.ପ୍ର) :** ଭାରତର ସବୁଠାରୁ ବଡ଼ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଏବଂ ଏକ ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ୟୁନିଭର୍ସାଲ ବ୍ୟାଙ୍କରେ ପରିଣତ ହେବା ପାଇଁ ନୀତିଗତ ମଞ୍ଜୁରୀ ପାଇଥିବା ପ୍ରଥମ ବ୍ୟାଙ୍କ—ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର ସିଏସଆର (CSR) ଶାଖା 'ଏୟୁ ଫାଉଣ୍ଡେସନ', ଆଜି ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାରେ ୧୨ ମାସିଆ ଗୃହ-ଭିତ୍ତିକ ପାଲିଏଟିଭ୍ କେୟାର (ଉପଶମକାରୀ ଚିକିତ୍ସା) ସେବା ପ୍ରକଳ୍ପ ଆରମ୍ଭ କରିବା ପାଇଁ ଭୁବନେଶ୍ୱରର 'ଅମୃତ ଧାରା ପାଲିଏଟିଭ୍ କେୟାର ଟ୍ରଷ୍ଟ' ସହ ହାତ ମିଳାଇ ଭାରତର ଅବହେଳିତ ଅଞ୍ଚଳରେ ସହାନୁଭୂତିପୂର୍ଣ୍ଣ ସ୍ୱାସ୍ଥ୍ୟସେବାର ସମ୍ପ୍ରସାରଣ ପାଇଁ ନିଜର ପ୍ରତିବଦ୍ଧତାକୁ ଆନୁଷ୍ଠାନିକ ରୂପ ଦେଇଛି। ଏହି ଜିଲ୍ଲାର ଖଣି ଇତିହାସ ନିଜ ପଛରେ ଗଭୀର ଅର୍ଥନୈତିକ ଏବଂ ସ୍ୱାସ୍ଥ୍ୟଗତ ଅସମାନତା ଛାଡି ଯାଇଛି। ଏହି ପ୍ରକଳ୍ପ ମାଧ୍ୟମରେ, ଏୟୁ ଫାଉଣ୍ଡେସନ ଅଞ୍ଚଳର ଗୁରୁତର ସ୍ୱାସ୍ଥ୍ୟସେବା ସମସ୍ୟାର ସମାଧାନ

AU SMALL FINANCE BANK

କରିବାକୁ ଲକ୍ଷ୍ୟ ରଖିଛି। ଏଥିପାଇଁ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ଏକ ଦଳ ନିୟମିତ ଭାବେ ରୋଗୀଙ୍କ ଘରକୁ ଯିବେ, ଯନ୍ତ୍ରଣା ଓ ରୋଗର ଲକ୍ଷଣ ପରିଚାଳନା କରିବେ, ରୋଗୀ ଓ ସେମାନଙ୍କ ପରିବାରକୁ ମାନସିକ ପରାମର୍ଶ (କାଉନସେଲିଂ) ପ୍ରଦାନ କରିବେ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ଦେଇ ସ୍ଥାନୀୟ ସ୍ତରରେ ଏକ ସ୍ଥାୟୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ଗଢ଼ି ତୋଳିବେ। ସୁନ୍ଦରଗଡ଼ ହେଉଛି ପ୍ରମୁଖ ଶିଳ୍ପ ଏବଂ ଖଣି କାର୍ଯ୍ୟକଳାପର ଗନ୍ତାଘର, ଯାହାଫଳରେ ଏଠାରେ ବ୍ୟାପକ ଭାବେ ବୃତ୍ତିଗତ ଏବଂ ପରିବେଶଗତ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଇଥାଏ। ଏହି ଅଞ୍ଚଳର ମାରାତ୍ମକ କର୍କଟ (କ୍ୟାନ୍ସର) ରୋଗୀଙ୍କ ପରିବାର ପାଇଁ, ତାଲିମପ୍ରାପ୍ତ ପାଲିଏଟିଭ୍ କେୟାର ବିଶେଷଜ୍ଞଙ୍କ ଅଭାବ ଏବଂ ଅନୁଷ୍ଠାନିକ ଚିକିତ୍ସାର ଅତ୍ୟଧିକ ଖର୍ଚ୍ଚ ଯୋଗୁଁ ରୋଗୀମାନେ ଦୀର୍ଘ ସମୟ ଧରି ସେମାନଙ୍କର ଶେଷ ସମୟରେ ଉପଯୁକ୍ତ ଯନ୍ତ୍ରଣା ପରିଚାଳନା, ମାନସିକ ସହଯୋଗ କିମ୍ବା ଯତ୍ନ ନେବା ପାଇଁ ମାର୍ଗଦର୍ଶନ ପାଇବାରୁ ବଞ୍ଚିତ ହେଉଥିଲେ। ଏହି ସେବାମୂଳକ କାର୍ଯ୍ୟ ହେଉଛି ଏୟୁ ଫାଉଣ୍ଡେସନର ନିଜସ୍ୱ 'ଫରେଭର ବ୍ୟାଙ୍କ' (Forever Bank) ଚିନ୍ତାଧାରାକୁ ବାସ୍ତବ ଓ ଦୀର୍ଘସ୍ଥାୟୀ ସାମାଜିକ ପ୍ରଭାବରେ ପରିଣତ କରିବାର ଏକ ବଡ଼ ସଂକଳ୍ପ।

ମନ୍ଥନ
dishamanthan.com RNI No. ORIORI/20

# ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ପକ୍ଷରୁ ବ୍ୟାପକ ଟିକେଟ୍ ଯାଞ୍ଚ ଅଭିଯାନ

## ଗୋଟିଏ ଦିନରେ ରେକର୍ଡ ୨୩.୬୦ ଲକ୍ଷ ଆଦାୟ

ଭୁବନେଶ୍ୱର,୨୧।୫(ନି.ପ୍ର.): ବୈଧ ଯାତ୍ରୀମାନଙ୍କ ପାଇଁ ସୁରକ୍ଷିତ, ସୁବିଧାଜନକ ଓ ନିର୍ବିଘ୍ନ ଯାତ୍ରା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ପକ୍ଷରୁ ଏହାର ଅଧିକାର କ୍ଷେତ୍ରରେ ଏକ ବ୍ୟାପକ ଟିକେଟ୍ ଯାଞ୍ଚ ଅଭିଯାନ ଚାଳନା କରାଯାଇଥିଲା।

ଏହି ବ୍ୟାପକ ଟିକେଟ୍ ଯାଞ୍ଚ ଅଭିଯାନ ସମୟରେ ବାଣିଜ୍ୟ ବିଭାଗର ଅଧିକାରୀ, ଟିକେଟ୍ ଯାଞ୍ଚ କର୍ମଚାରୀ ଏବଂ ରେଳ ସୁରକ୍ଷା ବଳ (ଜଚଋ) କର୍ମଚାରୀଙ୍କ ସମନ୍ୱୟରେ ଗଠିତ ଦଳ ଦ୍ୱାରା ବିଭିନ୍ନ ଟ୍ରେନରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଥିଲା। ବିନା ଟିକେଟ୍ ଓ ଅନିୟମିତ ଯାତ୍ରାକୁ ରୋକିବା ସହିତ ବୈଧ ରେଳ ଯାତ୍ରାକୁ ପ୍ରୋତ୍ସାହନ ଦେବା ପାଇଁ ଏହି ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଥିଲା।ଏହି ଅଭିଯାନର ଫଳସ୍ୱରୂପ ବିନା ଟିକେଟ୍ / ଅନିୟମିତ ଯାତ୍ରାର ମୋଟ ୩,୭୯୮ଟି ମାମଲା ଚିହ୍ନଟ ହୋଇଥିଲା। ଏହି ପରିପ୍ରେକ୍ଷୀରେ, ସମସ୍ତ ଯାତ୍ରୀଙ୍କୁ ବୈଧ ଟିକେଟ୍ ସହ ଯାତ୍ରା କରିବା ଏବଂ ରେଳବାଇ ନିୟମାବଳୀ କଡ଼ାକଡ଼ିଭାବେ ପାଳନ କରି ସୁରକ୍ଷିତ, ସୁସଂଖଳିତ ଓ ଅସୁବିଧାମୁକ୍ତ ଯାତ୍ରା ପରିବେଶ ରକ୍ଷାରେ ସହଯୋଗ କରିବାକୁ ଅନୁରୋଧ କରାଯାଉଛି।ଖୋର୍ଦ୍ଧା ରୋଡ୍ ?ର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଶ୍ରୀ ଅନିଲ କୁମାର ଏସ.ଙ୍କ ମାର୍ଗଦର୍ଶନରେ ଏହି ଅଭିଯାନ ପରିଚାଳିତ ହୋଇଥିଲା। କେବଳ ବୈଧ ଯାତ୍ରୀମାନେ ଟ୍ରେନରେ ଯାତ୍ରା କରୁଥିବା ସୁନିଶ୍ଚିତ କରିବା ଓ ପ୍ରକୃତ ରେଳ ଯାତ୍ରୀଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ମଣ୍ଡଳ ପକ୍ଷରୁ ବ୍ୟାପକ ଟିକେଟ୍ ଯାଞ୍ଚ ଅଭିଯାନ ନିୟମିତ ଭାବେ ଚାଳନା କରାଯାଉଛି।ଯାତ୍ରା ସମୟରେ ଅସୁବିଧା, ଜରିମାନା ଓ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ବଞ୍ଚିବା ପାଇଁ ସମସ୍ତ ଯାତ୍ରୀଙ୍କୁ ବୈଧ ଟିକେଟ୍ ଓ ଯାତ୍ରା ପ୍ରମାଣପତ୍ର ସହିତ ଯାତ୍ରା କରିବାକୁ ଖୋର୍ଦ୍ଧା ରୋଡ୍ ଡିଭିଜନ ପକ୍ଷରୁ ନିବେଦନ କରାଯାଇଛି।



## ୩୦ରେ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ଅପିଲ୍ କ୍ୟାମ୍ପ୍ କୋର୍ଟ

ଭୁବନେଶ୍ୱର୨୧।୫(ନି.ପ୍ର.): ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆସନ୍ତା ୩୦ ତାରିଖ (ଶନିବାର) ଅପରାହ୍ନ ୩ଟା ଭୁବନେଶ୍ୱରସ୍ଥିତ ଉନ୍ନତି ଭବନଠାରେ ଏକ ସ୍ୱତନ୍ତ୍ର ଅପିଲ୍ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହେବ। ଏଠାରେ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ବିରୁଦ୍ଧରେ ଆସିଥିବା ଅପିଲ୍ ମାମଲାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ। ପଡ଼ି ରହିଥିବା ଅପିଲ୍ ମାମଲାଗୁଡ଼ିକର ଶୀଘ୍ର ସମାଧାନ ନିଶ୍ଚିତ କରିବା ପାଇଁ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ଅପିଲ୍ କର୍ତ୍ତୃପକ୍ଷ ଭାବେ ମନୋନୀତ କରାଯାଇଛି। ଏହି ମନୋନୀତ ଅପିଲ୍ କର୍ତ୍ତୃପକ୍ଷମାନଙ୍କ ମଧ୍ୟରେ ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ , ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ , ସ୍ୱତନ୍ତ୍ର ସଚିବ ଗଙ୍ଗାଧର ନାୟକ, ଅତିରିକ୍ତ ସଚିବ ସହଦେବ ସାମୁଡ଼ିଆ , ଅତିରିକ୍ତ ସଚିବ ସୁଭାନନ୍ଦ ମହାପାତ୍ର ଏବଂ ଅତିରିକ୍ତ ସଚିବ ଶତ୍ରୁଘ୍ନ କର ସାମିଲ ଅଛନ୍ତି।

# ରାଜଗାଙ୍ଗପୁର୍ ସହରରେ ଏସଆଇଆର କାର୍ଯ୍ୟକ୍ରମ ଶୁଭାରମ୍ଭ

ରାଜଗାଙ୍ଗପୁର,୨୧।୫(ନି.ପ୍ର.): ରାଜଗାଙ୍ଗପୁର ପୌରପରିଷଦ ପକ୍ଷରୁ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋବିନ୍ଦ ଦଣ୍ଡସେନା ଙ୍କ ତତ୍ତ୍ୱାବଧାନରେ ଭୋଟର ତାଲିକାରେ ସଂଶୋଧନ ପାଇଁ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇ ରାଜଗାଙ୍ଗପୁର ସହର ର ବିଭିନ୍ନ ରାଜନୈତିକ ଦଳ ର ନେତା



କର୍ମୀ ଜନତା ଙ୍କ ମତାମତ ସଂଗ୍ରହ କରାଯାଇଥିଲା ଉକ୍ତ କାର୍ଯ୍ୟକ୍ରମରେ ନୋଡାଲ ଅଧିକାରୀ ଡଃ ଐଶ୍ୱର୍ଯ୍ୟ ପାଣିଗ୍ରାହୀ କେନ୍ଦ୍ର ସରକାରଙ୍କ ବିଭିନ୍ନ ନିତି ନିୟମ ସମ୍ପର୍କରେ ଉପସ୍ଥିତ ଜନସାଧାରଣ କାଉନସିଲର ଓ ବିଭିନ୍ନ ରାଜନୈତିକ ଦଳ ର ନେତା କର୍ମୀ ଙ୍କୁ ସମସ୍ତ ତଥ୍ୟ ବିସ୍ତୃତ ଭାବରେ ଆଲୋକପାତ କରାଇଥିଲେ। ଏହି ଅବସରରେ ଟାଉନ କଂଗ୍ରେସ ସଭାପତି ଦେବରଞ୍ଜନ ବିନୋଦ ବିଜେପି ମଣ୍ଡପ ସଭାପତି ରାଜନ୍ ସୋନି ବିଜେଡି ଟାଉନ ସଭାପତି ଶୁଶିତ୍ରା ପାଇକରାୟ କାଉନସିଲର ସୁସ୍ମିତା ଡିଡୁ ସୁମିତ୍ରା ବାର୍ଲା ସ୍ୱ ?ତା କୁମାରୀ ସୁମନ ଶର୍ମା ବୁଦ୍ଧ ନାରାୟଣ ସାହୁ ଗୋବର୍ଦ୍ଧନ ତନ୍ତି କୋଶାଲ ସିଂ ଶିମରନ ତନ୍ତି ଶାଗେମ ତିର୍କୀ ପୁର୍ନ ଚନ୍ଦ୍ର ରାଉତ ପରବିନ କୋଉଷର ନିବେଦିତା ବେହେରା ଓ ସାଧାରଣ ଲୋକେ ଉପସ୍ଥିତ ଥିଲେ।

# ପିସିସି ପକ୍ଷରୁ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ



ଭୁବନେଶ୍ୱର,୨୧।୫(ନି.ପ୍ର.): ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରନ୍ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ସକାଳେ କଂଗ୍ରେସ ନେତୃବୃନ୍ଦ ଭୁବନେଶ୍ୱର ରାଜୀବ ଭବନ ପରିସରରେ ଥିବା ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ପିସିସି କାର୍ଯ୍ୟାଳୟ ଠାରେ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଆଜିର ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଜୟଦେବ ଜେନା, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ପ୍ରକାଶ ଜେନା, ଚିନ୍ମୟ ପ୍ରସାଦ ବେହୁରା, ଚିନ୍ମୟ ସୁନ୍ଦର ଦାସ, ପ୍ରକାଶ ମିଶ୍ର, ସୁଦର୍ଶନ ଦାସ, ତରୁଣ ମିଶ୍ର, ଅଭୟ ସାହୁ, ଭାସ୍କର ସେଠୀ, ମିହିର ଆଚାର୍ଯ୍ୟ, ସୁଶାନ୍ତ ତ୍ରିପାଠୀ, ସଂଜୟ ମିଶ୍ର, ଜୟସ୍ମିତା ମହାନ୍ତି, ରଜନୀ ମହାନ୍ତି, ଲିଙ୍ଗରାଜ ସାହୁ, ଶିଳ୍ପିଶ୍ରୀ ହରିଚନ୍ଦନ, ଆଲୋକ ମହାନ୍ତି, କାର୍ତ୍ତିକ ଚନ୍ଦ୍ର ବରାଳ, ଜ୍ୟୋତିଷ ସାହୁ, ଉଷାରାଣୀ ବେହେରା, ଶ୍ରୀୟା ମହାନ୍ତି, ସାସ୍ୱତୀ ମହାନ୍ତି, ମୋହନ ହେମ୍ବ୍ରମ, ସୁଭାଷ ପ୍ରଧାନ, ଖଗେଶ୍ୱର ମଲ୍ଲିକ, ପ୍ରମୁଖ ବହୁ କଂଗ୍ରେସନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ।

# ମହିଳା ସଂରକ୍ଷଣ ଦାବିରେ ମଶାଲ ଶୋଭାଯାତ୍ରା

ନବରଙ୍ଗପୁର: ୨୦୨୬ ଜନଗଣନା ପରେ ହେଉ, ସୀମା ନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ। ଆଦିବାସୀ ଜାତି, ଜନଜାତି, ପଛୁଆବର୍ଗ ଓ ସାଧାରଣ ବର୍ଗ ମହିଳା କଂ ପାଇଁ ହେଉ ୩୩ ଶତକଡା ସଂରକ୍ଷଣ । ବିଧାନସଭା, ବିଧାନ ପରିଷଦ ଓ ସାଂସଦ ଉଭୟ ଲୋକସଭା ଓ ରାଜ୍ୟସଭା ପାଇଁ ହେଉ ମହିଳା ସଂରକ୍ଷଣ। ଏହି ଦାବି ରେ ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶ ରେ ନବରଙ୍ଗପୁର ବ୍ଲକ କଂଗ୍ରେସ କମିଟି ସଭାପତି ଅବଦୁଲ ଫିରୋଜ ଙ୍କ ନେତୃତ୍ୱରେ ଆଜି ?ନୂତନ ମଣ୍ଡେଇ ପଡିଆ ଠାରୁ ରାଜା ବେହେରା ଗୁଡା ଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀ ଙ୍କ ବାସଭବନ ପର୍ଯ୍ୟନ୍ତ ଏହି ରାଲି ଯାଇଥିଲା। ରାହୁଲ ଗାନ୍ଧୀ ଓ କଂଗ୍ରେସ ନାରା ରେ ଗରଜି ଥିଲେ ମହିଳା।ଏହିରାଲି ରେ ପୂର୍ବତନ ବିଧାୟକ ଭୂଜବଳ ମାଝୀ, ପୂର୍ବତନ ବିଧାୟକ ସଦନ ନାୟକ,ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଜିଲ୍ଲା କଂଗ୍ରେସ ସଭାପତି ଡ଼ଃ ଲିପିକା ମାଝୀ, ପ୍ରଦେଶ କଂଗ୍ରେସ କମିଟି ସଂପାଦିକା ଅଧିବକ୍ତା ମନଷା ତ୍ରିପାଠୀ, ପିସିସି ପର୍ଯ୍ୟବେକ୍ଷକ ଶିବରାମ ରାଜୁ, ପିସିସି ସଭ୍ୟ ଦିଲ୍ଲିପ କୁମାର ବେହେରା, ଜିଲ୍ଲା କଂଗ୍ରେସ ପର୍ଯ୍ୟବେକ୍ଷକ ଅଖିଳ ଉତରା, ଡିସିସି ଉପସଭାପତି ହୁସନାବାନୋ, ଜିଲ୍ଲା କଂଗ୍ରେସ ଉପସଭାପତି ଦିବାକର ପୂଜାରୀ, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଦୀପ କୁମାର ସାହୁ, ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରେସ ସଭାପତି



ପ୍ରହଲ୍ଲାଦ ହିଆଲ, ନଂଦାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ବୃନ୍ଦାବନ ତ୍ରିପାଠୀ, ଡିସିସି ସଂନବରଙ୍ଗପୁର ଟାଉନ କଂଗ୍ରେସ ସଭାପତି ଗଣେଶ ପଟ୍ଟନାୟକ, ବରିଷ୍ଠ ନେତା କାଳି ପ୍ରସାଦ ପାତ୍ର, ଜିଲ୍ଲା କଂଗ୍ରେସ ମୂଖ୍ୟ ମୁଖପାତ୍ର ଦେବକାନ୍ତ ପଣ୍ଡା, ଡିସିସି ସଂପାଦକ ପ୍ରକାଶ ସାମନ୍ତରାୟ, ନଂଦାହାଣ୍ଡି ବ୍ଲକ କଂଗ୍ରେସ ସାଧାରଣ ସମ୍ପାଦକ ରୁନା ଦାଶ ଯୋଗଦେଇ ଥିଲେ

## କିଟ୍ ଓ ସୋୱାଟେକ୍ ମଧ୍ୟରେ ବୁଝାମଣା

ଭୁବନେଶ୍ୱର: ପ୍ରତିଭା ବିକାଶ, ନବସର୍ଜନା ଏବଂ ବୈଶ୍ୱିକ ପ୍ରତିଯୋଗିତାକୁ ଗୁରୁତ୍ୱ ପ୍ରଦାନ କରି ଶିଳ୍ପ ସମନ୍ୱୟ ପାଇଁ କିଟ୍ ଏବଂ ତାମିଲନାଡୁର ଏବିଆଇ ସୋୱାଟେକ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ପ୍ରତିଭା ବିକାଶ, ଗବେଷଣା, ଛାତ୍ର ସଂପୃକ୍ତି ଏବଂ ନବସର୍ଜନା-ଚାଳିତ ପଦକ୍ଷେପ ମାଧ୍ୟମରେ ଶିଳ୍ପ-ଶିକ୍ଷାକ୍ଷେତ୍ର ସହଭାଗିତାକୁ ସୁଦୃଢ଼ କରିବା ପାଇଁ ଏକ ବ୍ୟାପକ ସହଯୋଗୀ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଦୀର୍ଘକାଳୀନ ସହଯୋଗ ପାଇଁ ଏହି ସଂରଚିତ ଢାଞ୍ଚା ଶିଳ୍ପ-ଶିକ୍ଷାକ୍ଷେତ୍ର ସହଭାଗିତାକୁ ଆନୁଷ୍ଠାନିକ ରୂପ ଦିଆଯିବାର ଆଶା କରାଯାଉଛି।

ଏହି ବୁଝାମଣା ଅନୁସାରେ ପ୍ରଥମ ପର୍ଯ୍ୟାୟରେ କିଟ୍‌ର ୪୦ ଜଣ ଆଇଟିଆଇ ଓ ଡିପ୍ଲୋମା ଛାତ୍ରଛାତ୍ରୀ ଟିଭିଏସ୍ କମ୍ପାନୀରେ ନିଯୁକ୍ତି ସୁଯୋଗ ପାଇଛନ୍ତି। ଏହି ଛାତ୍ରମାନେ ଶିଳ୍ପ ସଂସ୍ଥାରେ କାମ କରିବାର ଅଭିଜ୍ଞତା ହାସଲ କରିବା ସହ ଏବିଆଇର ପୁଲିଭାଲମ୍ ଉତ୍ପାଦନ କେନ୍ଦ୍ରରେ ଇଣ୍ଟର୍ନସିପ୍ କରିବା ସହ ସେଠାରେ ନିଯୁକ୍ତି ପାଇବେ। ପରେ ସେମାନଙ୍କୁ ଓଡ଼ିଶାରେ ହେବାକୁ ଥିବା ଟିଭିଏସ୍ କମ୍ପାନୀର ପ୍ରକଳ୍ପରେ ଅବସ୍ଥାପିତ କରାଯିବ। ଇଣ୍ଟର୍ନସିପ ସମୟରେ ରହିବା, ଖାଇବା ସୁବିଧା ସହ ମାସିକ ୨୦ ହଜାର ଟଙ୍କା ଷ୍ଟାଇପେଣ୍ଡ ପ୍ରଦାନର ବ୍ୟବସ୍ଥା ରହିଛି। ଏବିଆଇ ସୋୱାଟେକ୍ (ଇଣ୍ଡିଆ) ଲିମିଟେଡ୍ ଟିଭିଏସ୍ ଗ୍ରୁପ୍‌ର ସହ ଜଡ଼ିତ ଏକ ଅଂଶୀଦାର କମ୍ପାନୀ। ଏହା ପ୍ରିସିସନ୍ ଏବଂ ଇନ୍‌ଭେଷ୍ଟମେଣ୍ଟ କାଷ୍ଟିଂର ଏକ ବିଶେଷଜ୍ଞ ନିର୍ମାତା। ଏହା ମଧ୍ୟ ଟିଏସ୍ ସନାଥନମ ଗ୍ରୁପ୍ ଅଫ୍ କଂପାନୀଜ୍ ସହିତ ଜଡିତ।

# ଖୋର୍ଦ୍ଧା ରୋଡ଼ ଡିଭିଜନରେ ସୁରକ୍ଷା-ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ

ଭୁବନେଶ୍ୱର: ଖୋର୍ଦ୍ଧା ରୋଡ଼ ଡିଭିଜନରେ ଅତ୍ୟାବଶ୍ୟକ ସୁରକ୍ଷା-ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ କେତେକ ମେମୁ ଟ୍ରେନ୍ ଚଳାଚଳରେ ସାମୟିକ ପରିବର୍ତ୍ତନ ଘୋଷଣା କରାଯାଇଛି।ସୁରକ୍ଷା ମାନଦଣ୍ଡରେ ଉନ୍ନତି ଆଣିବା, ପରିଚାଳନା ଦକ୍ଷତା ବୃଦ୍ଧି କରିବା ଏବଂ ରେଳ ନେଟୱର୍କର ଦୀର୍ଘକାଳୀନ ବିଶ୍ୱସନୀୟତା ସୁନିଶ୍ଚିତ କରିବା ପାଇଁ ଏହି ପରିଚାଳନାଗତ ପରିବର୍ତ୍ତନଗୁଡ଼ିକ କରାଯାଉଛି।ଆଧୁନିକୀକରଣ କାର୍ଯ୍ୟର ଏକ ଅଂଶ ସ୍ୱରୂପ, ନିମ୍ନଲିଖିତ ଟ୍ରେନ ସେବାଗୁଡ଼ିକ ନିର୍ଦ୍ଧାରିତ ତାରିଖରେ ଖଲ୍ଲିକୋଟ ରେଳ ଷ୍ଟେସନ ପର୍ଯ୍ୟନ୍ତ ଚାଲିବ (ଆଂଶିକ ବାତିଲ ହେବ) ଏବଂ ସେଠାରୁ ହିଁ ଯାତ୍ରା ଆରମ୍ଭ କରିବ:ଟ୍ରେନ୍ ନଂ ୬୮୪୧୯ ଭୁବନେଶ୍ୱର - ପଲାସା ମେମୁ ଆସନ୍ତା ୨୪ ମଇ ୨୦୨୬ ତାରିଖରେ ଖଲ୍ଲିକୋଟ ଷ୍ଟେସନରେ ଯାତ୍ରା ସମାପ୍ତ କରିବ।ଟ୍ରେନ୍ ନଂ ୬୮୪୨୦ ପଲାସା - ଭୁବନେଶ୍ୱର ମେମୁ ୨୨ ଏବଂ ୨୫ ମଇ ୨୦୨୬ ତାରିଖରେ ପଲାସା ପରିବର୍ତ୍ତ ? ଖଲ୍ଲିକୋଟରୁ ଯାତ୍ରା ଆରମ୍ଭ କାରିବ ।ଟ୍ରେନ୍ ନଂ ୬୮୪୧୧/ ୬୮୪୧୨ ଭୁବନେଶ୍ୱର - ବ୍ରହ୍ମପୁର - ଭୁବନେଶ୍ୱର ମେମୁ ଟ୍ରେନ୍ ୨୩, ୨୭ ଓ ୩୦ ମଇ ୨୦୨୬ ତାରିଖରେ ଖଲ୍ଲିକୋଟ ଷ୍ଟେସନପର୍ଯ୍ୟନ୍ତ ଚାଲିବ ଏବଂ ସେଠାରୁ ହିଁ ଯାତ୍ରା ଆରମ୍ଭ କରିବ।ନିମ୍ନଲିଖିତ ମେମୁ ଟ୍ରେନ୍ ସେବାଗୁଡ଼ିକ ନିର୍ଦ୍ଦିଷ୍ଟ ତାରିଖରେ ବାତିଲ୍ ରହିବ:ଟ୍ରେନ୍ ନଂ ୬୮୪୩୮/୬୮୪୩୭ କଟକ - ଭଦ୍ରକ - କଟକ ମେମୁ ଟ୍ରେନ୍ ସେବା ଆସନ୍ତା ୨୬, ୨୭ ଏବଂ ୨୮ ମଇ ୨୦୨୬ ଏବଂ ୨, ୩, ୪, ୯, ୧୦, ୧୧ ଓ ୧୬ ଜୁନ୍ ୨୦୨୬ ତାରିଖରେ ବାତିଲ୍ ରହିବ।ସେହିଭଳି, ଟ୍ରେନ୍ ନଂ ୬୮୪୨୪/୬୮୪୨୩ କଟକ - ଭଦ୍ରକ - କଟକ ମେମୁ ଟ୍ରେନ୍ ସେବା ଆସନ୍ତା ୨୭ ଏବଂ ୨୮ ମଇ ୨୦୨୬ ଏବଂ ୩, ୪, ୧୦ ଓ ୧୧ ଜୁନ୍ ୨୦୨୬ ତାରିଖରେ ବାତିଲ୍ ରହିବ।ସୁରକ୍ଷା-ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଚାଲୁଥିବା ସମୟରେ ଯାତ୍ରୀମାନଙ୍କୁ ସେହି ଅନୁଯାୟୀ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ଏବଂ ରେଳ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଉଛି। ଟ୍ରେନର ସଦ୍ୟତମ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ ନ୍ୟସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍ (ଘଞ୍ଚଋଝ) କିମ୍ବା ଅଫିସିଆଲ୍ ରେଳବାଇ ଅନୁସନ୍ଧାନ ସେବାର ବ୍ୟବହାର କରିପାରିବେ।

# ଧାରଣାରେ ବସିଥିବା ପରିବାରଙ୍କ ଦୁଃଖ ବୁଝିଲେ ଜିଲ୍ଲାପାଳ


ନବରଙ୍ଗପୁର,୨୧।୫(ନି.ପ୍ର.): ନବରଙ୍ଗପୁର ଜିଲ୍ଲାର ଝରିଗାଁ ବ୍ଲକ ଅଧୀନ ବୁଆଲିବେଢ଼ା ଗାଁର ଏକ ଗରିବ ପରିବାର ଏବେ ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରେ ଧାରଣାରେ ବସିଥିଲେ ଜିଲ୍ଲାପାଳ



ଙ୍କ ହସ୍ତକ୍ଷେପ ପରେ ଧାରଣା ରୁ ଫେରିଛନ୍ତି ।ଧାରଣାରେ ବସିଥିବା ପରିବାର ର ଅଭିଯୋଗ ହେଲା ସରକାର ଙ୍କ ଭୂଦାନ ଯୋଜନାରେ ପାଇଥିବା ୫ ଏକର ଜମିର ପଟ୍ଟା ହାତରେ ଥିଲେ ମଧ ସେମାନେ ନିଜ ଜମିରେ ଚାଷ କରିପାରୁ ନାହାନ୍ତି। ଜମି ଉପରେ ଗ୍ରାମର କିଛି ପ୍ରଭାବଶାଳୀ ବ୍ୟକ୍ତି ଅକ୍ତିଆର କରି ରଖିବା ସହ ଚାଷ କରିବାକୁ ଦେଉନାହାନ୍ତି ।ଚଳିତ ଖରିଫ ଋତୁରେ ପରିବାର ଲୋକ ନିଜ ଜମିରେ ହଳ କରିବାକୁ ଯାଇଥିବା ବେଳେ ସେମାନଙ୍କୁ ବାଧା ଦିଆଯାଇଥିଲା। ଏହା ପରେ ସେମାନେ ଉମରକୋଟ ପୋଲିସ ଥାନାର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ପୋଲିସ ଏହାକୁ "ସିଭିଲ କେସ" କହି ଫେରାଇ ଦେଇଥିବାରୁ ପରିବାର ଅଧିକ ନିରାଶ ହୋଇ ନ୍ୟାୟ ପାଇଁ ଜିଲ୍ଲାପାଳ ଙ୍କ ଦ୍ୱାରସ୍ଥ ହୋଇଥିଲେ ।ଜିଲ୍ଲାପାଳ ନିଜ କାର୍ଯ୍ୟାଳୟ କୁ ଆସିବା ସମୟରେ ଧାରଣାରେ ବସିଥିବା ପରିବାର କୁ ଦେଖି ତାଙ୍କ ସହ ଆଲୋଚନା କରି ଉପଜିଲ୍ଲାପାଳ ଙ୍କୁ ଘଟଣା ର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ କୋର୍ଟ ରେ ଏହି ମାମଲା ଚାଲିଥିଲା ଏବଂ ପ୍ରତିପକ୍ଷ ଦାଏର କରିଥିବା ମାମଲା କୁ କୋର୍ଟ ନାକଚ କରିଥିବା ଜାଣିବାକୁ ପାଇଲେ ଏବଂ ଜମି ମାଲିକ ସ୍ୱର୍ଗତ କାର୍ତିକ ଗୌଡ଼ ଙ୍କ ପରିବାର କୁ ଦେବା ପାଇଁ ଝରୀଗାଁ ତହସିଲଦାର ଙ୍କୁ ନିର୍ଦ୍ଦେଶ ଦେଇଥିଲେ ପରେ ମାମଲା ସମାଧାନ ହୋଇଥିଲା ଓ ଧାରଣାରେ ବସିଥିବା ଗୌଡ଼ ପରିବାର ଧାରଣା ଭଙ୍ଗ କରିଥିଲେ।

## ରାଜଗାଙ୍ଗପୁର ପୌରପରିଷଦ ପ୍ରଥମ ଉପନଗରପାଳଙ୍କ ବିୟୋଗ

ରାଜଗାଙ୍ଗପୁର,୨୧।୫(ନି.ପ୍ର.): ରାଜଗାଙ୍ଗପୁର ପୌରପରିଷଦ ପ୍ରଥମ ଉପ ନଗରପାଳ ଙ୍କ ବିୟୋଗ। ରାଜଗାଙ୍ଗପୁର ସହର ଓ ଆଖପାଖ ଅଞ୍ଚଳର ବିଶିଷ୍ଟ ସମାଜସେବୀ ବିଭିନ୍ନ



ସ୍ୱେଚ୍ଛାସେବୀ ସଂସ୍ଥା ସହ ଜଡ଼ିତ ବରିଷ୍ଠ ନାଗରିକ ପୌରପରିଷଦ ର ପ୍ରଥମ ଉପ ନଗରପାଳ ତଥା ଚାରି ଚାରି ଥର ଉପ ନଗରପାଳ ପଦରେ ରହି ରାଜଗାଙ୍ଗପୁର ସହର ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରି ବିକାଶ କରିଥିବା ପୌରପରିଷଦ ଅନ୍ତର୍ଗତ ତାଳକିପଡା ନିବାସୀ ୯୩ ବର୍ଷୀୟ ଧର୍ମପରାୟଣ ବ୍ୟକ୍ତି ଶଂକର୍ ଲାଲ୍ କେସ୍ରୱା।ନି ସମସ୍ତ ଙ୍କୁ ଛାଡି ଚାଲିଗଲେ ଆରପାରିକୁ। ତାଙ୍କର ଅନ୍ତିମ ଦର୍ଶନ ନିମନ୍ତେ ରାଜଗାଙ୍ଗପୁର ସହର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସମାଜସେବୀ ମାରୱାଡି ସମାଜ ବିଭିନ୍ନ ରାଜନୈତିକ ଦଳ ର ନେତା କର୍ମୀ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଅଧୁରା ରହିଯିବ କି କୁଟାସିଂହା-କପାଶିରା ଅଙ୍ଗ ନଦୀ ସେତୁ ?



ବଲାଙ୍ଗୀର, ୨୦/୫/୨୦୨୬: ବଲାଙ୍ଗୀର ଜିଲ୍ଲା ଆଗଲପୁର ବ୍ଲକ କୁଟାସିଂହା ଅଂଚଳ ରୁ ଉଭୟ ବଲାଙ୍ଗୀର - ସୁବର୍ଣ୍ଣପୁର ଜିଲ୍ଲା କୁ ଗମନାଗମନ ରେ ଯୋଡି ବାକୁ କୁଟାସିଂହା -କପାଶିରା ମଧ୍ୟରେ ପ୍ରବାହିତ ଅଙ୍ଗନଦୀ ଉପରେ ଏକ ସୁ ଉଚ୍ଚ ସେତୁ ନିର୍ମାଣ କାମ ୨୦୧୯ ରେ ଆରମ୍ଭ ହୋଇଥିଲା । ରାଜ୍ୟ ସରକାର ଙ୍କ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ନିର୍ମାଣକାରି ସଂସ୍ଥା ଆଶୀର୍ବାଦ କନଷ୍ଟ୍ରାକସନ ନିର୍ମାଣ କାମ କରୁଥିଲା ଏବଂ ୩-୩-୨୦୨୪ରେ କାଯ୍ୟ ଶେଷ କରିବାକୁ ସୂଚନା ଫଳକ ରେ ଉଲ୍ଲେଖ ରହିଥିଲା । ହେଲେ ୬ ମାସ ପୂର୍ବ ରୁ ଗତ ୨୦୨୩ ଅଗଷ୍ଟ ମାସରୁ ସମ୍ପୃକ୍ତ ଠିକାଦାର ନିର୍ମାଣ କାମ ଅସମ୍ପୂର୍ଣ୍ଣ କରି କୌଣସି କାରଣ ରୁ ଛୁ ମାରିଛି । ତାହା ଏପର୍ଯ୍ୟନ୍ତ ଜଣା ପଡିନାହିଁ । ଏନେଇ ଠିକାଦାରଙ୍କ ସହ ଯୋଗାଯୋଗ କରାଯିବାରୁ ତାଙ୍କ ଫୋନ ଲାଗୁନାହିଁ ।ଏଠାରେ ସୂଚନା ଯୋଗ୍ୟ ଯେ ବଲାଙ୍ଗୀର ଜିଲ୍ଲା ର ଉପାନ୍ତ ଅଞ୍ଚଳ ହୋଇଥିବାରୁ ଜିଲ୍ଲା ପ୍ରଶାସନ,ବିଭାଗୀୟ କର୍ତ୍ତୃପକ୍ଷ ଓ ନିର୍ବାଚିତ ଲୋକ ପ୍ରତିନିଧି ଦୃଷ୍ଟି ଦେଉ ନଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।ନଦୀ ଉପରେ ସେତୁ କାମ ପ୍ରାୟ ସରି ଯାଇଥିଲେ ହେଁ ସେତୁ ସଂଲଗ୍ନ ଉଭୟ ପାର୍ଶ୍ୱ ରାସ୍ତା କାମ ବାକି ରହିଛି ।

ଏନେଇ ବିଭିନ୍ନ ଖବର କାଗଜରେ ଖବର ମଧ ପ୍ରକାସୀତ ହୋଇଛି । ଏହି ବ୍ରିଜ ସମ୍ପୂର୍ଣ୍ଣ ହେଲେ ବଲାଙ୍ଗୀର ସୋନପୁର୍ ଜିଲ୍ଲା ର ଜନ ସାଧାରଣ ଉପକୃତ ହେବେ ।ବିଶେଷ କରି ସଲେଭଟା, ପଟୁଆପାଲି,ଜୋଗିସର୍ଡା,ବାଦିବା ହାଲ, ମୂର୍ଷ୍ଣି ,କପଶିରା,ଜୁଲୁଣ୍ଡା, ଲଛିପୁର୍, ଦିଗ୍ସିରା ଗ୍ରାମ ପଞ୍ଚାୟତ ଏବଂ ଆଗଲପୁର ବ୍ଲକ୍, ଲୋଇସିଂହା ବ୍ଲକ, ସୋନେପୁର ବ୍ଲକ୍,ବିନିକା ବ୍ଲକ୍,ଡୁଙ୍ଗୁରିପାଲି ବ୍ଲକ୍ ବଲାଙ୍ଗୀର ଓ ସୋନପୁର ବ୍ଲକ୍ କୁ ସିଧାସଳଖ ଭାବେ ସ୍ଥାନୀୟ ଲୋକ ଙ୍କ ଗମନାଗମନ ରେ ସୁବିଧା ହେବ ।ଏ ଅଞ୍ଚଳର ଜଣ ସାଧାରଣ,ବୁଦ୍ଧିଜୀବୀ କହିବା ଅନୁସାରେ ଏନେଇ ବହୁବାର ସ୍ଥାନୀୟ ଜନପ୍ରତିନିଧି, ଲୋଇଶିଂହା ବିଧାୟକ ,ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନାହିଁ । ଏଇ କିଛି ଦିନ ପରେ କାମ ଆରମ୍ଭ ହୋଇଯିବ ବୋଲି କହି ଭୁଆଁ ବୁଲାଉଛନ୍ତି । ଫଳରେ ଲୋକଙ୍କ ମଧ୍ୟରେ ଦିନକୁ ଦିନ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ବର୍ତ୍ତମାନ ସୁଦ୍ଧା ୱାର୍କ ବିଭାଗ ତରଫରୁ ଟେଣ୍ଡର ପ୍ରକ୍ରିୟା ପାଇଁ ଡିପିଆର ମଧ ହୋଇନାହିଁ। ଅଧୁରା ରହି ଯିବ କି ଅଙ୍ଗନଦୀ ସେତୁ ବୋଲି ଲୋକଙ୍କ ମଧ୍ୟରେ ଆଶଙ୍କା ରହିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ, ଜିଲ୍ଲପାଳ ,ବିଭାଗୀୟ ଅଧିକାରୀ ଦୃଷ୍ଟିଦେଇ ସେତୁ ସମ୍ପୂର୍ଣ୍ଣ କରିବାକୁ ଅଂଚଳବାସୀ ଦାବୀ କରିଛନ୍ତି।

**ଆପ୍ରୋଚ ରୋଡ ଟେଣ୍ଡର ପ୍ରକ୍ରିୟା କେବେ ହେବ**

**କୁଟାସିଂହା ଅଞ୍ଚଳରେ ତୀବ୍ର ଜନ ଅସନ୍ତୋଷ**

# ୨୦ ଲକ୍ଷ ଟଙ୍କାର ଧଳା ଜହର ସହ ବାଇକ୍ ଜବତ, ଜଣେ ଗିରଫ

## ଅବକାରୀ ବିଭାଗର ସଫଳତା

ଭୁବନେଶ୍ୱର,୨୧।୫(ନି.ପ୍ର.): ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଳିଆ ଗ୍ରାମର କଣିଆପଲ୍ଲୀ ଛକରେ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ସକାଳେ ଚଢାଉ କରାଯାଇ ଧଳା ଜହର କାରବାର ସହ ସମ୍ପୃକ୍ତ ଜନୈକ ଯୁବକକୁ କାବୁକରି ତା'ଠାରୁ ୨୦ ଲକ୍ଷ ଟଙ୍କା ମୂଲ୍ୟର ୨୦୦ ଗ୍ରାମ ହିରୋଇନ୍ ସହିତ ବ୍ୟବହୃତ ହିରୋ ସୁପର ସ୍ପ୍ଲେଣ୍ଡର ବାଇକ୍ (ନଂ - ଓଡି ୦୭ ଏକ୍ସ ୭୮୭୫) କୁ ଜବତ କରାଯାଇଥିବା ଘଟଣା ଅଞ୍ଚଳରେ ପ୍ରଥମ ଥର ପାଇଁ ଘଟିଥିବାରୁ ତାହା ଚର୍ଚ୍ଚାର ବିଷୟ ପାଲଟିଛି। ଅବକାରୀ ପଞ୍ଝାରେ ପଡିଥିବା ଧଳା ଜହର ବେପାରୀ ଯୁବକ ଜଣକ ହେଲେ ପୋଲସରା ଥାନା ଅନ୍ତର୍ଗତ ଢୁଙ୍କାପଡା ଗ୍ରାମର ଅକ୍ଷୟ ଜେନା (୩୮)ଓରଫ୍ ଅଚ୍ୟୁତାନନ୍ଦ ଜେନା ।

ଏ ନେଇ ବୁଗୁଡା ଅବକାରୀ ଥାନାରେ କେସ୍ ନଂ୩୨/୨୦୨୬-୨୭ ଏକ ମାମଲା ରୁଜୁ ସହ ଅଭିଯୁକ୍ତକୁ ଭଞ୍ଜନଗର କୋର୍ଟକୁ ଚାଲାଣ କରାଯାଇଥିବା ଆଇଆଇସି ଜ୍ୟୋତି ରଞ୍ଜନ ସେନାପତିଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ,ବୁଗୁଡା ସମେତ ଅନ୍ୟ ଅଞ୍ଚଳରେ ଧଳା ଜହର ବେପାର ପାଇଁଖୋର୍ଦ୍ଧା ଅଞ୍ଚଳରୁ ହିରୋଇନ୍ ଆଣି କଣିଆପଲ୍ଲୀ ଛକରେ ପହଞ୍ଚିଥଲା। କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ପକ୍ଷରୁ ସଦଳବଳେ ସେଠାରେ ଚଢାଉ କରାଯାଇ କୌଶଳରେ ତା'କୁ କାବୁ କରାଯାଇଥିଲା।





ଉକ୍ତ ଚଢାଉ କାର୍ଯ୍ୟରେ ଭଞ୍ଜନଗର ଅବକାରୀ ଇନିସପେକ୍ଟର ପ୍ରଦୀପ କୁମାର ମହାନ୍ତି, ବୁଗୁଡ଼ା ଅବକାରୀ ଓଆଇସି ଜ୍ୟୋତି ରଞ୍ଜନ ସେନାପତି, ଏଏସଆଇ ବହୁମୂଲ୍ୟ ପରିଚ୍ଛା, କନଷ୍ଟେବଲ ନିରେନ୍ଦ୍ର ଶବର, ନିରଞ୍ଜନ ବେହେରା, ମନୋରଞ୍ଜନ ସେଠୀ, କାମନା କୁମାର ବେହେରା, ସନାତନ ନାହାକ, ଜଗନ୍ନାଥ ମହାପାତ୍ର, ସୁବଳ ପ୍ରଧାନ, ହୋମଗାର୍ଡ ଲକ୍ଷ୍ମୀ ନାୟକ ଓ ସରସ୍ୱତୀ ଦଳବର ପ୍ରମୁଖ ସାମିଲ ଥିଲେ। ବୁଗୁଡ଼ା ଅଞ୍ଚଳ ଗଞ୍ଜେଇ ବେପାରର ପେଣ୍ଠସ୍ଥଳୀ ପାଲଟିଥିବା କଥା ଏଠାକାର ଲୋକଙ୍କୁ ଅଜଣା ନଥିବାବେଳେ ଏବେ ଧଳା ଜହର ଜବତ ଘଟଣା ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ଏଇ କିଛି ମାସ ହେଲା ଧଳା ଜହର କାରବାର ଆରମ୍ଭ କରିଥିବା ନେଇ ଗିରଫ ଅଭିଯୁକ୍ତ ଜଣକ ସ୍ୱୀକାର କରିଥିବା ବେଳେ ଅବକାରୀ ପୋଲିସ କାରବାର ଚେର କେତେ ଆଡକୁ ଲମ୍ବିଛି ତାହାର ତଦନ୍ତ କରୁଥିବା ଜଣାଯାଇଛି। ତେବେ ଯୁବ ସମାଜକୁ ଦିଗଭ୍ରଷ୍ଟ କରୁଥିବା ଏଭଳି ମାରାତ୍ମକ ଧଳା ଜହର ବେପାର ସହ ଲିପ୍ତ ଅଞ୍ଚଳର କୌଣସି ବ୍ୟକ୍ତିକୁ ଗିରଫ ସହ ହିରୋଇନ ଜବତ ଘଟଣା ସ୍ଥାନୀୟ ଅବକାରୀ ବିଭାଗ ପାଇଁ ପ୍ରଥମ ସଫଳତା ହୋଇଥିବା ବେଳେ ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବା ଜଣାଯାଇଛି।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ